## ଗଣେଶ ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ସେମିରେ ରାଉରକେଲା, ଜାମସେଦପୁର, କଟକ ଓ ଭୁବନେଶ୍ୱର

ପାଲଲହଡ଼ା,୧୩।୨(ସମିସ)





ପାଲଲହଡ଼ା ଷ୍ଟାଡିୟମରେ ଶାସନସାହି ଶ୍ରୀ ଗଣେଶ କ୍ରିକେଟ କ୍ଲବ ପକ୍ଷରୁ ପ୍ରଥମ ଗଣେଶ ସ୍ମାରକୀ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗରୁବାର ଉଦଘାଟିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହେବ। ଉଦଘାଟନୀ ଦିବସରେ ଦୁଇଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଉରକେଲା ଓ ଜାମସେଦପୁର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଖ କରିଛନ୍ତି। ସେହିପରି ଶୁକ୍ରବାର ଦ୍ୱିତୀୟ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର ଓ କଟକ ଦଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରେ ରାଉରକେଲା ୱାଇସିଏ ଓ ଝାରସୁଗୁଡ଼ା ପ୍ରୋଗ୍ରେସିଭ କ୍ଲବ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୪୯ ରନ କରିଥିଲା। ଝାରସୁଗୁଡ଼ା ଦଳ ୧୨୨ ରନ କରିବାରେ ସକ୍ଷମ ହୋଇଥିଲା। ରାଉରକେଲା ୨୭ ରନରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛି। ୭୦ ରନ କରିଥିବା ରାଉରକେଲାର ମୀମାଂସ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ଅପରାହ୍ନ ସାଢ଼େ ୧ଟାରେ ଜାମସେଦପୁର (ଟାଟା) ଓ ଜୟ ଶ୍ରୀରାମ କ୍ରିକେଟ କ୍ଲବ ଶାସନସାହି ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଟାଟା ଦଳ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୭୦ ରନ କରିଥିଲା। ଜବାବରେ ଜୟ ଶ୍ରୀରାମ ଦଳ ସମସ୍ତ ଉଇକେଟ ହରାଇ ୮୯ ରନ କରିବାରେ ସକ୍ଷମ ହୋଇଥିଲା। ଜାମସେଦପୁର ୮୨ ରନରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛି। ବିଜୟୀ ଦଳ ପକ୍ଷରୁ ୪ ଉଇକେଟ ନେଇଥିବା ତାରିଖ ମହମ୍ମଦ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲା। ରଞ୍ଜିତ ସାମଲ, ମାଧବ ସାହୁ, ସଞ୍ଜୟ ସାହୁ, ସନ୍ତୋଷ ଦଳବେହେରା ଖେଳ ପରିଚାଳନା କରିଥିବା ବେଳେ ଶିବପ୍ରସାଦ ସାମଲ, ବିଶ୍ୱଜିତ ମହାନ୍ତି, ଭୂପେନ କୁମାର ନାଏକ ସ୍କୋରିଂ ଦାୟିତ୍ୱ ତୁଲାଇଥିଲେ।

ଶୁକ୍ରବାର ପ୍ରଥମ ମ୍ୟାଚ ଭୁବନେଶ୍ୱର ଓ ଜୁଭେନାଇଲ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୬୪ ରନରେ ଅଲଆଉଟ ହେଇଯାଇଥିଲା। ଜବାବରେ କଟକ ଦଳ ୬ ଉଇକେଟ ହରାଇ ୬୫ ରନ ସଂଗ୍ରହ କରି ବିଜୟୀ ହେଇଥିଲା। ଦ୍ୱିତୀୟ ମ୍ୟାଚ ଭୁବନେଶ୍ୱର ଓ ନିମପୁର କଟକ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୧୬୫ ରନ କରିଥିଲା। ଜବାବରେ ନିମପୁର କଟକ ଦଳ ୯ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ମାଧବନ ସାହୁ, ସଞ୍ଜୟ କୁମାର ସାହୁ, ରଞ୍ଜିତ କୁମାର ସାମଲ, ସନ୍ତୋଷ ଦଳବେହେରା ଖେଳ ପରିଚାଳନା କରିଥିଲେ। ପ୍ରଥମ ମ୍ୟାଚର ଶ୍ରେଷ୍ଠ ଖେଳାଳି ସତ୍ୟ ଓ ଦ୍ୱିତୀୟ ମ୍ୟାଚର ଶ୍ରେଷ୍ଠ ଖେଳାଳି ଦେବ୍ରତାଙ୍କୁ ପୁରସ୍କୃତ କରାଯାଇଥିଲା ପାଲଲହଡ଼ା ଉପଖଣ୍ଡସ୍ତରୀୟ ପ୍ରେସକ୍ଲବ ସଭାପତି ଡ. ସନ୍ତୋଷ କୁମାର ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶନିବାର ଜାମସେଦପୁର ଟାଟା ଓ ରାଉରକେଲା ମଧ୍ୟରେ ପ୍ରଥମ ଓ ଜୁଭେନାଇଲ କଟକ ଓ ଭୁବନେଶ୍ୱର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ପରିଚାଳକ ସୁଜିତ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଉପ ଶାଖା ପରିଚାଳକ ଦୀପକ କୁମାର ପ୍ରଧାନ, ଶୁଭମ କୁମାର ପାଲ, ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ପ୍ରଧାନ, ମାନରଞ୍ଜନ ଭଞ୍ଜ, ବରିଷ୍ଠ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ, ବରିଷ୍ଠ ନାଗରିକ ସନ୍ତୋଷ କୁମାର ପାଣି, ସୁଶୀଲ କୁମାର ଉଦାବଳ, ମିହିର ପାଳ ପ୍ରମୁଖ ଯୋଗଦେଇଥିଲେ। ସ୍ୱର୍ଗତ ଗଣେଶ ସାହୁ ଜଣେ କ୍ରିକେଟପ୍ରେମୀ ଥିଲେ। ତାଙ୍କ ଦୁଇପୁଅ ଶିବପ୍ରସାଦ ସାହୁ ଓ ବିଷ୍ଣୁପ୍ରସାଦ ସାହୁ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ



ଅନୁଗୋଳ,୧୩।୨(ସମିସ): ଶୁକ୍ରବାର ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବଦାଲ୍ ମୁହମ୍ମଦ୍ ଅଖତର୍‌ଙ୍କ ଅଧକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ଜାନୁଆରୀ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟି ସଭ୍ୟଙ୍କୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଜାନୁଆରୀ ମାସରେ ଜିଲ୍ଲାରେ ମୋଟ ୪୩ ଦୁର୍ଘଟଣା ଘଟିଥିବାବେଳେ ୧୭ ଜଣଙ୍କ ମୃତ୍ୟୁ ଘଟିଛି ଓ ୨୬ ଜଣ ଆହତ ହୋଇଛନ୍ତି। ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୧୦୬୨ ଜଣ, ଦ୍ରୁତ ଗାଡ଼ି ଚାଳନା ଯୋଗୁଁ ୯୬୮ ଜଣ, ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୪୫ ଜଣ, ଅତ୍ୟଧିକ ମାଲ୍ ପରିବହନ ନିମନ୍ତେ ୪୩ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ବେଳେ ୪୭୮ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଆଇଏଏସ୍ ପ୍ରୋବେସନର କସ୍ତୁରୀ ସା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ କୁମାର, ବରିଷ୍ଠ ସାମ୍ବାଦିକ ସଂଗ୍ରାମ ରଞ୍ଜନ ଦାସଙ୍କ ସମେତ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗଦେଇଥିଲେ।

## ଛେଣ୍ଡିପଦାରେ ବନ୍ଦ ପାଳନ ବେଳେ ଉତ୍ତେଜନା

ଛେଣ୍ଡିପଦା,୧୩।୨(ସମିସ): କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି ବିରୋଧରେ ଛେଣ୍ଡିପଦା ବ୍ଲକରେ ବନ୍ଦ ପାଳନ କରାଯାଇଛି। ଛେଣ୍ଡିପଦା ଦେଇ ଯାଇଥିବା ୬୩ନଂ ରାଜ୍ୟ ରାଜପଥରେ ବସ, ଟ୍ରକ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କଂଗ୍ରେସ ଓ ଏସୟୁସିଆଇ କମ୍ୟୁନିଷ୍ଟ ପକ୍ଷରୁ ପିକେଟିଂ କରାଯାଇ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ବ୍ୟାଙ୍କଗୁଡ଼ିକୁ ବନ୍ଦ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ଅଜୟ ବେହେରା, ସଦସ୍ୟ ନରୋତ୍ତମ ନାଏକ ଓ ଏସୟୁସିଆଇ ନେତା ରଣଜିତ ପ୍ରଧାନଙ୍କ ନେତୃତ୍ୱରେ ବନ୍ଦ ପାଳନ କରାଯାଇଥିଲା। ଆନ୍ଦୋଳନକାରୀମାନେ ପିକେଟିଂ କରି ବ୍ଲକ ସଦର ମହକୁମାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ବନ୍ଦ କରିବାକୁ ଯାଇଥିବ ବେଳେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। କଂଗ୍ରେସ କର୍ମୀ ଏବଂ ବ୍ୟାଙ୍କ ସିକ୍ୟୁରିଟି ଗାର୍ଡ ଓ କର୍ମଚାରୀଙ୍କ ମଧ୍ୟରେ ବଚସା ହୋଇଥଲା। ପୁଲିସ ପାଟ୍ରୋଲିଂ ଗାଡ଼ି ଆସିବା ପରେ ଉତ୍ତେଜନା କମିବା ସହ ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟାଙ୍କ ବନ୍ଦ କରିଥିଲେ। ସେହିପରି ଆନ୍ଦୋଳନକାରୀମାନେ ରାଜ୍ୟ ରାଜପଥ ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି ବିରୋଧରେ ବିଭିନ୍ନ ନାରାବାଜି କରିଥିଲେ। ସେହିପରି କୋଶଳାଠାରେ କଂଗ୍ରେସର ଗୋବିନ୍ଦ ନାଏକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ପିକେଟିଂ କରି ସରକାରୀ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ପ୍ରିୟବ୍ରତ ନାୟକ, ବରିଷ୍ଠ ନେତା ସୁରେଶ ସାହୁ, ପ୍ରତାପ ପ୍ରଧାନ, ରଞ୍ଜନ ସାହୁ, ଦିପେନ ସାହୁ, ଏସ୍‌ୟୁସିଆଇର ପ୍ରତିମା ବେହେରା, ବିନତି ସାହୁଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ସମ୍ମୁଖରେ ପାଚିକା ସହାୟକମାନେ ସାମିଲ ହୋଇଥିଲେ।

## ମରାତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଅନୁଗୋଳ,୧୩।୨(ସମିସ): ବଅଁରପାଳ ବ୍ଲକ୍ ମରାତିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବଅଁରପାଳ ସହକାରୀ ଶିକ୍ଷା ଅଧିକାରୀ ସୁଶୀଲ କୁମାର ନାଏକ, ସମ୍ମାନିତ ଅତିଥି ଭାବେ ସିଆରସିସି ଧୀରେନ କୁମାର ସାହୁ, ଗଣ୍ଡିବେଢ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନୀଲ କୁମାର ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରସାନନ୍ଦ ସାହୁ, ଗ୍ରାମ୍ୟ ସଭାପତି ଓ ମୋ ସ୍କୁଲ ଅଭିଯାନ ଅଧକ୍ଷ ଶରତ ସାହୁ, ଗ୍ରାମ ସମ୍ପାଦକ ବାବୁଲି ପ୍ରଧାନ, ଗ୍ରାମ ଉପସଭାପତି ସୁଧାକର ସାହୁ, ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଦିଗମ୍ବର ପ୍ରଧାନ, ମରାତିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଧକ୍ଷତା କରିଥିବା ବେଳେ ଧୀରେନ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପର୍ଯ୍ୟାୟ ତଥା ପରୀକ୍ଷା ପ୍ରମୁଖ ଶିକ୍ଷକ ଅକ୍ଷୟ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଚିତ୍ତରଞ୍ଜନ ସାହୁ ଛାତ୍ରର ବ୍ୟକ୍ତିତ୍ୱ ନିର୍ମାଣରେ ପିତାମାତା ଓ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ଶିକ୍ଷାବର୍ଷରେ ବିବିଧ କ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



## ଜିଲ୍ଲା କ୍ରିକେଟ ସଙ୍ଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଅନୁଗୋଳ,୧୩।୨(ସମିସ): ସ୍ଥାନୀୟ କଦମ ପଡ଼ିଆରେ ଶୁକ୍ରବାର ଅନୁଗୋଳ ଜିଲ୍ଲା କ୍ରିକେଟ ସଂଘର ନବନିର୍ବାଚିତ କର୍ମକର୍ତ୍ତା ପଦ ଓ ଗୋପନୀୟତାର ଶପଥ ନେଇଛନ୍ତି। ସଂଘ ସଭାପତି ତଥା ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଉପସଭାପତି ପ୍ରଭାତ ସିହ୍ନା ଓ ଅରୁଣ ପୁଷ୍ପାଳକ, ଯୁଗ୍ମ ସମ୍ପାଦକ ଗଙ୍ଗାଧର ପଟ୍ଟନାୟକ, ସତ୍ୟେନ୍ଦ୍ର ପ୍ରଧାନ ଏବଂ କୋଷାଧକ୍ଷ ରଞ୍ଜନ ଧୀରସାମନ୍ତ ଶପଥ ନେଇଛନ୍ତି। ବରିଷ୍ଠ ଆଇନଜୀବୀ ତଥା ସଂଘର ନିର୍ବାଚନ ଅଧିକାରୀ ଭୂପେଶ ଚନ୍ଦ୍ର ପ୍ରଧାନ ସମସ୍ତ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇଥିଲେ। ମାୟାଧର ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସଂଘ ଇତିହାସରେ ଚଳିତବର୍ଷ ପ୍ରଥମ କରି ଚାରିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ କରାଯାଇଛି।

## ଡେରଜାଙ୍ଗ ଇକୋ ଟୁରିଜିମ୍ ପରିଯୋଜନା | ପର୍ଯ୍ୟଟକଙ୍କ ପାଇଁ ରୋମାଞ୍ଚ ଓ ମନୋରଞ୍ଜନର କେନ୍ଦ୍ର

ଅନୁଗୋଳ,୧୩।୨(ସମିସ): ଅନୁଗୋଳରେ ପର୍ଯ୍ୟଟନର ନୂଆ ହବ୍ ପାଲଟିବ ଡେରଜାଙ୍ଗ ଇକୋ ଟୁରିଜିମ ପରିଯୋଜନା। ଏହା ଲୋକଙ୍କୁ ରୋମାଞ୍ଚକର ଅନୁଭୂତି ସହ ଅଫୁରନ୍ତ ମନୋରଞ୍ଜନ ପ୍ରଦାନ କରିବ। ଅନୁଗୋଳ ଫରେଷ୍ଟ ଡିଭିଜନ ପକ୍ଷରୁ ଏବେ ଏଠି ଏଭଳି ବ୍ୟବସ୍ଥା କରାଯାଉଛି ଯାହା ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ଏକ ଦିଗବାରିଣୀ ହୋଇ ରହିବ। ପ୍ରାକୃତିକ ଶୋଭାରାଜିରେ ଭରପୂର ଡେରଜାଙ୍ଗ ଜଳଭଣ୍ଡାରରେ ଦୁଃସାହସିକ କ୍ରୀଡ଼ା ଲଞ୍ଚ୍ କରାଯିବ ଯାହା ସାରା ପରିବାର ପାଇଁ ଢେର୍ ମଜା ମସ୍ତି ଆଣିଦେବ। ସେଠାରେ ଜେଟ ସ୍କାଏ, ସ୍ପିଡ୍ ବୋଟ, ୱାଟର ସାଇକଲ, ଆକ୍ୱା ବାଇକ୍, ପେଡାଲ ବୋଟ, କାୟକ୍ ବୋଟ ଆଦି ବ୍ୟବସ୍ଥା ରହିବ। ପର୍ଯ୍ୟଟକଙ୍କ ନିରାପତ୍ତା ପାଇଁ ଯଥେଷ୍ଟ କର୍ମଚାରୀ ମଧ୍ୟ ରହିବେ। ସେମାନଙ୍କୁ ଏହି ସବୁ ଜଳକ୍ରୀଡ଼ା ନେଇ ତାଲିମ ଦିଆଯିବ। ଜଳଭଣ୍ଡାର ନିକଟରେ ସୁଦୃଶ୍ୟ ପାର୍କ ଏବଂ ହର୍ବାଲ ଗାର୍ଡେନ କରାଯିବ। ପିଲାଛୁଆଙ୍କୁ ନେଇ ପର୍ଯ୍ୟଟକମାନେ ଏଠାରେ ଦିନତମାମ ମଉଜ ମସ୍ତି କରିପାରିବେ। ଅନୁଗୋଳ ଜିଲ୍ଲା ପର୍ଯ୍ୟଟନ ଇତିହାସରେ ଏହା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।



## ଗଛ କାଟିଲା ବେଳେ ଅଘଟଣ, କଟାଳି ମୃତ

ବଅଁରପାଳ,୧୩।୨(ସମିସ): ବଅଁରପାଳ ଥାନା ତୁଳସୀପାଳ ଗ୍ରାମରେ ଗଛ କାଟୁଥିବା ବେଳେ ଅଘଟଣ ଘଟି ଗଛ କଟାଳିଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ତୁଳସୀପାଳ ଗ୍ରାମର ଶରତ ପ୍ରଧାନଙ୍କ ପୁଅ ସଂସାର ଓରଫ ସୁବାସ ପ୍ରଧାନ (୩୮) ଗୁରୁବାର ଗ୍ରାମରେ ମେସିନ ସାହାଯ୍ୟରେ ଏକ ଜାମୁ ଗଛକୁ ମୂଳରୁ କାଟୁଥିଲେ। ଗଛ ଗଣ୍ଡିର ଅଧା କଟିଥିବା ବେଳେ ହଠାତ ଗଛଟି ଠିଆ ଚିରି ହୋଇ ଯାଇଥିଲା। ଫଳରେ ଗଛ ଗଣ୍ଡିର ଗୋଟିଏ ପାଶ୍ୱର୍ ସୁବାସଙ୍କ ଛାତିରେ ଜୋରରେ ମାଡ଼ ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଅନୁଗୋଳ ସରକାରୀ ଡାକ୍ତରଖାନା ଓ ପରେ କଟକ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଧଉରାପାଲ୍ଲୀରେ ଦୋଳଯାତ୍ରା ପାଳନ ନିମନ୍ତେ ପ୍ରସ୍ତୁତି

କିଶୋରନଗର,୧୩।୨(ସମିସ): କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗ୍ରାମରେ ଏ ବର୍ଷ ୧୦୦ ବର୍ଷରେ ପଦାର୍ପଣ କରୁଛି ଦୋଳଯାତ୍ରା। ଏ ନେଇ ସୋମବାର ଗ୍ରାମରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦୋଳଯାତ୍ରା କମିଟିର କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। କମିଟିରେ ଉପଦେଷ୍ଟା ଭାବେ ଗ୍ରାମର ବରିଷ୍ଠ ବ୍ୟକ୍ତି ରାମଚନ୍ଦ୍ର ଦେହୁରୀ, କ୍ଷୀରୋଦ ଚନ୍ଦ୍ର ପ୍ରଧାନଙ୍କୁ ଚୟନ କରାଯାଇଛି। ସଭାପତି ଭାବେ ଗଜେନ୍ଦ୍ର ବେହେରା, ଉପସଭାପତି ଲକ୍ଷ୍ମଣ ଦେହୁରୀ, ସଞ୍ଜୟ ପ୍ରଧାନ, ସାଧାରଣ ସମ୍ପାଦକ ପ୍ରଭୁଦତ୍ତ ହୋତା ଓ କୋଷାଧକ୍ଷ ଭାବେ ଆଶୁତୋଷ ରଣାଙ୍କୁ ମନୋନୀତ କରାଯାଇଛି। ଚଳିତ ବର୍ଷ ଦୋଳଯାତ୍ରା ମହାସମାରୋହରେ ପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ କମିଟି ପକ୍ଷରୁ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅତିଥି ଭାବେ ଯୋଗଦେବାକୁ ଅନୁରୋଧ କରାଯାଇଥିବା ସୂଚନା ଦିଆଯାଇଛି।

## ଧର୍ମପରାୟଣାଙ୍କ ପରଲୋକ



ବଅଁରପାଳ,୧୩।୨(ସମିସ): ବଅଁରପାଳ କମଳାଙ୍କ ଗ୍ରାମର ଧର୍ମପରାୟଣା ମହିଳା ଅମ୍ବିକା ରାଜ୍‌ଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। କିଛିଦିନ ହେବ ସେ ମଧୁମେହ ଓ ହୃଦରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ ଦୁଃଶାସନ ରାଜ, ଦୁଇପୁଅ ଓ ଝିଅ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

## ବଅଁରପାଳରେ ବନ୍ଦ ପାଳନ



ବଅଁରପାଳ,୧୩।୨(ସମିସ): ବଅଁରପାଳରେ ଗୁରୁବାର ସକାଳ ୬ଟାରୁ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଛି। ଟ୍ରାଫିକ୍ ଛକ ନିକଟରେ ଜିଲ୍ଲା କଂଗ୍ରେସ ଉପସଭାପତି ଦୁଷ୍ମନ୍ତ ଦଳବେହେରାଙ୍କ ନେତୃତ୍ୱରେ ରାସ୍ତାରୋକ କରାଯଇଥିଲା। ଫଳରେ ଶହ ଶହ ଗାଡ଼ି କଣ୍ଟାବଣିଆରୁ ବଅଁରପାଳ ଓ ତାଳଚେର ପର୍ଯ୍ୟନ୍ତ ଲମ୍ବିଥିଲା। ମୁଖ୍ୟତଃ ଟ୍ରକଗୁଡ଼ିକ ରାସ୍ତାର ଦୁଇ ପାଶ୍ୱର୍ରେ ଠିଆହୋଇ ରହିଥିଲେ। ସେହିପରି ସ୍କୁଲ, ବ୍ୟାଙ୍କ ବନ୍ଦ ଥିବାବେଳେ ଦୋକାନ ବଜାର ଖୋଲା ଥିଲା। ଆନ୍ଦୋଳନରେ ଚିତ୍ତ ସାମଲ, କୃଷ୍ଣ ଦେହୁରୀ, ଗୋବିନ୍ଦ ବେହେରା, ରଞ୍ଜିତ ନାୟକ ଓ ରାକେଶ ନାୟକ ସାମିଲ ହୋଇଥିଲେ।

## ଘରୋଇ ଶିକ୍ଷାନୁଷ୍ଠାନ ଉଦ୍‌ଘାଟିତ




କିଶୋରନଗର,୧୩।୨(ସମିସ): କିଶୋରନଗର ବ୍ଲକ କସ୍ତୁରୀବାହାଳ ଗ୍ରାମରେ ନୂତନ ବ୍ରେନ ୱେଭ ଶିକ୍ଷାନୁଷ୍ଠାନ ଉଦଘାଟିତ ହୋଇଛି। ଅନୁଷ୍ଠାନର ସମ୍ପାଦକ ଆଶିଷ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଶ୍ରୀଯୁକ୍ତ ଅକ୍ଷୟ ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଦିବାକର ମାଝୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ହାଡ଼ିବନ୍ଧୁ ବେହେରା, ସରପଞ୍ଚ ସୁଲୋଚନା ପ୍ରଧାନ ଯୋଗଦେଇ ଶିକ୍ଷାନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଆକାଶ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବୈନତେୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଐଶ୍ୱର୍ଯ୍ୟା ମିଶ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଂଗ୍ରାମ ମଲ୍ଲିକ୍ ଧନ୍ୟବାଦ୍ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଦ୍ୟାଳୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷଣ ଶିବିର ଉଦଯାପିତ



ପାଲଲହଡ଼ା,୧୩।୨(ସମିସ): ପିଏମଶ୍ରୀ ମହତାବ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଛାତ୍ରଛାତ୍ରୀଙ୍କୁ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ୍ ସେଣ୍ଟର (ଓକାକ) ଏବଂ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ), ଭୁବନେଶ୍ୱର ସହଯୋଗରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁନନ୍ଦା ପ୍ରଧାନ ଓ ଓଡ଼ିଶା ନଲେଜ କର୍ପୋରେସନର ଜିଲ୍ଲା ସଂଯୋଜକ ଯୋଗଦେଇଥିଲେ। ଆଇଓଟି ଯଥା ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଭିନ୍ନ ଉପକରଣ, ଯନ୍ତ୍ର ଓ ବସ୍ତୁଗୁଡ଼ିକୁ ଇଣ୍ଟରନେଟ୍ ସହ ସଂଯୋଗ କରିବା, କୃତ୍ରିମ ବୁଦ୍ଧିମତା ଓ ସାଇବର ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ୧୦୦ଟି ହାଇସ୍କୁଲର ୧୨୦୦୦ ଛାତ୍ରଛାତ୍ରୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଅନୁଗୋଳ ଜିଲ୍ଲାର ୪ ଉପଖଣ୍ଡର ୫ ହାଇସ୍କୁଲରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗତ ୭ ତାରିଖରୁ ଏହି ଶିବିର ଆରମ୍ଭ ହୋଇଥିବାବେଳେ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ମହେନ୍ଦ୍ର ହାଇସ୍କୁଲ, ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟ, ପିଟିସି ଉଚ୍ଚ ବିଦ୍ୟାଳୟ, ତାଳଚେର ଉପଖଣ୍ଡର ଯୁବରାଜ ଉଚ୍ଚ ବିଦ୍ୟାଳୟ ଏବଂ ଶେଷରେ ଗୁରୁବାର ପାଲଲହଡ଼ା ଉପଖଣ୍ଡର ମହତାବ ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ସ୍କୁଲ୍ ସମୟରେ ଫାଟକରେ ଝୁଲୁଛି ତାଲା

## ତୁରଙ୍ଗ ସରକାରୀ ବିଦ୍ୟାଳୟରୁ ଆସିଲା ବିଚିତ୍ର ଦୃଶ୍ୟ

ଅନୁଗୋଳ,୧୩।୨(ସମିସ)




ଅନୁଗୋଳ ସହର ନିକଟ ତୁରଙ୍ଗ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଚିତ୍ର ଦେଖିବାକୁ ମିଳିଛି। ସାଧାରଣତଃ ଶିକ୍ଷାଦାନ ସମୟରେ ବିଦ୍ୟାଳୟ ପରିସର ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରହିବା କଥା। କିନ୍ତୁ ଏଠାରେ ସବୁବେଳେ ସ୍କୁଲ ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଦେଖାଯାଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ବିଦ୍ୟାଳୟ ଚାଲୁଥିବା ସମୟରେ ଏଭଳି ପଦକ୍ଷେପ ନେବା ପଛର କାରଣ ସମ୍ପର୍କରେ ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁ କହିଛନ୍ତି ଯେ ମଦ୍ୟପ ଓ ମାନସିକ ବିକୃତ ବ୍ୟକ୍ତିମାନେ ଅବାଧରେ ସ୍କୁଲ ପରିସର ମଧ୍ୟକୁ ପଶି ଆସୁଛନ୍ତି। ସ୍କୁଲ ସମ୍ମୁଖରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର କାନ ଓ ନାକ ଭାଙ୍ଗି କ୍ଷତିଗ୍ରସ୍ତ କରିଛନ୍ତି। ଏହି କାରଣରୁ ସ୍କୁଲରେ ତାଲା ପକାଯାଇଥିବା ସେ କହିଛନ୍ତି।

ସେହିପରି ପୂର୍ବରୁ ଦୁର୍ବୃତ୍ତ ବିଦ୍ୟାଳୟ ବଗିଚାରେ ନିଆଁ ଲଗାଇ ଦେଇଥିଲେ। ଏହି ଘଟଣା ଶିକ୍ଷାର୍ଥୀଙ୍କ ପାଇଁ ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥିଲା। ଏଣୁ ବିଦ୍ୟାଳୟ ସମ୍ପତ୍ତିର ସୁରକ୍ଷା ଏବଂ ପିଲାଙ୍କ ନିରାପତ୍ତା ଦୃଷ୍ଟିରୁ ଆମେ ଫାଟକରେ ତାଲା ପକାଇବାକୁ ବାଧ ହେଉଛୁ ବୋଲି ପ୍ରଧାନଶିକ୍ଷକ କହିଛନ୍ତି। ତେବେ ଶିକ୍ଷାନୁଷ୍ଠାନ ପରିସରରେ ଏଭଳି ଅସାମାଜିକ କାର୍ଯ୍ୟକଳାପ ବଢ଼ୁଥିବାରୁ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଶାସନ ଏବଂ ପୁଲିସ ଏ ଦିଗରେ ଦୃଷ୍ଟିଦେଇ ବିଦ୍ୟାଳୟର ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ଦାବି ହେଉଛି।

## ମୁଖ୍ୟଶାସନ ସଚିବଙ୍କ ପାରାଦୀପ ଗସ୍ତ

# ପାରାଦୀପରେ ହେବ ବ୍ଲୁ ଫ୍ଲାଗ ବିଚ୍



**● ୭ କିମିରୁ ପ୍ରଥମ ପର୍ଯ୍ୟାୟରେ ୩ କିମି**

**● ସେପ୍ଟେମ୍ବର ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ**

ପାରାଦୀପ,୧୩।୨(ସମିସ)

ପାରାଦୀପରେ ହେବ ବ୍ଲୁ ଫ୍ଲାଗ୍ ବିଚ୍। ପାରାଦୀପଠାରୁ ୭ କିମି ଦୂର ବଙ୍ଗୋପସାଗର ଉପକୂଳରେ ଏହି ବିଚ୍ ପାଇଁ ସ୍ଥାନ ଚିହ୍ନଟ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩ କିମିରେ କାର୍ଯ୍ୟ ହେବ ଏବଂ ସେପ୍ଟେମ୍ବର ସୁଦ୍ଧା ଏହା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ପାରାଦୀପ ଗସ୍ତରେ ଆସିଥିବା ମୁଖ୍ୟ ଶାସନ ସଚିବ ଆଜି ଜିଲ୍ଲାପାଳ ଜେ. ସୋନାଲଙ୍କ ସହ ପ୍ରସ୍ତାବିତ ବ୍ଲୁ ଫ୍ଲାଗ୍ ସ୍ଥାନକୁ ଯାଇ ତାହାର କାର୍ଯ୍ୟାକରିବା ଓ ସ୍ଥିତି ବିଷୟରେ ସମୀକ୍ଷା କରିଥିଲେ।

ଗତକାଲିଠାରା ପାରାଦୀପ ଆସିଥିବା ମୁଖ୍ୟ ଶାସନ ସଚିବ ଆଜି ବିଭିନ୍ନ ସ୍ଥାନ ଗସ୍ତ କରି ପରିଦର୍ଶନ କରିବା ସହ ସମୀକ୍ଷା କରିଛନ୍ତି। ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ୱେଟବେଶିନ ଠାରେ ସିଆଇଏସଏଫ୍ ଦ୍ୱାରା ତାଙ୍କୁ ସେରେମୋନିଆଲ ଗାର୍ଡ ଅଫ ଅନର ସହ ସ୍ୱାଗତ କରିଥିଲେ ବନ୍ଦର କର୍ତ୍ତୃପକ୍ଷ ଅଧକ୍ଷ ପିଏଲ୍ ହରାନାଧ, ଉପାଧ୍ୟକ୍ଷ ଟି. ଭେନୁଗୋପାଲ। ସମୁଦ୍ର ମଧ୍ୟରେ ଲଞ୍ଚ ରାଇଡ ସହ ବର୍ଥର ରେଡିନେସ, ଭେସେଲ ଟ୍ରାଫିକ ବ୍ୟବସ୍ଥା, ବନ୍ଦରର ସାମୁଦ୍ରିକ କାର୍ଯ୍ୟକାରିତା ଆଦି ଅନୁଧ୍ୟାନ କରିଥିଲେ। ପରେ ସମ୍ମିଳନୀ କକ୍ଷରେ ପାରାଦୀପ ବନ୍ଦର ୨.୦ ଭିଜନ, ଗ୍ରୀନ ହାଇଡ୍ରୋଜେନ୍ ହବ, ପ୍ଲାଷ୍ଟିକ ପାର୍କ, ପର୍ଯ୍ୟଟନ ବିକାଶ, କ୍ରୁଜ ଉନ୍ନୟନ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ସମୀକ୍ଷା କରିଥିଲେ। ପାରାଦୀପ ବନ୍ଦରକୁ ବିଶ୍ୱରେ ଓଡ଼ିଶା ଅର୍ଥନୀତିର ମୁଖଶାଳା କରି ଗଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ପରେ ମୁଖ୍ୟ ଶାସନ ସଚିବ ଏସ୍ଏସ୍ଟି ଡେଭଲପମେଣ୍ଟ ବିଭାଗ ଅନ୍ତର୍ଗତ ପାରାଦୀପ ଗଡ଼ ଠାରେ ଥିବା ପାରେଶ୍ୱର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀମାନଙ୍କ ସହ ମଧ୍ୟାହ୍ନ ଭୋଜନ କରିଥିଲେ। ଅପରାହ୍ନରେ ଆଇଓସିଏଲ୍ ପ୍ଲାଣ୍ଟ ପରିଦର୍ଶନ କରିବା ପରେ ସମ୍ମିଳନୀ କକ୍ଷରେ ଇଫ୍କୋ, ପିପିଏଲ, ଜେଏସଡବ୍ଲୁ ଆଦି ଶିଳ୍ପ ଅନୁଷ୍ଠାନମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକାରୀ ହେଉଥିବା ଏବଂ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦୀପ ପେଟ୍ରୋ କେମିକାଲ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। ବିଶେଷ କରି ଭୁବନେଶ୍ୱର- କଟକ- ପୁରୀ- ପାରାଦୀପ ଇକୋନୋମିକ ରିଜନ ଉପରେ ଆଲୋକପାତ କରି ଶିଳ୍ପ ଅନୁଷ୍ଠାନ ଏବଂ ପ୍ରଶାସନ ମଧ୍ୟରେ ସମନ୍ୱୟ ରହିଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ଶେଷରେ ପାରାଦୀପ ମେ' ଫେୟାର ହୋଟେଲ ଏକଷ୍ଟେନସନ୍ ସାଇଟ୍ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଶାସନ ସଚିବଙ୍କ ସହ ଗୃହ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଜିଲ୍ଲାସ୍ତରୀୟ ଅଧିକାରୀ, ଶିଳ୍ପ ଅନୁଷ୍ଠାନ ଗୁଡିକର ଅଧିକାରୀ ମାନେ ଉପସ୍ଥିତ ଥିଲେ।

## ଇଟାଭାଟି ଉପରେ ଚାଲିଲା ବୁଲ୍‌ଡୋଜର



ଜଗତସିଂହପୁର,୧୩।୨(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଅଞ୍ଚଳରେ ବେଆଇନ ଇଟାଭାଟି ଭାଙ୍ଗିବା ପ୍ରକ୍ରିୟା ଚାଲୁ ରହିଥିବା ବେଳେ ଗତ ୧୨ ତାରିଖ ସନ୍ଧ୍ୟାରେ ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ବିଆଁଳଠାରେ ସରକାରୀ ଜମି ଜବରଦଖଲ କରି ହୋଇଥିବା ଇଟାଭାଟି ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଥିଲା। ଜିଲ୍ଲାପାଳ ଜେ. ସୋନାଲ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତହସିଲଦାର ଅଜୟ କୁମାର ମହାନ୍ତି ଏବଂ ଏସ୍‌ଡିପିଓ ଆଜିଙ୍କ୍ୟ ବାବୁରାଓ ମାନେଙ୍କ ଉପସ୍ଥିତିରେ ବୁଲଡୋଜର ଲଗାଇ ଲକ୍ଷାଧିକ ଇଟା ନଷ୍ଟ କରାଯାଇଛି। ବର୍ଷ ବର୍ଷ ଧରି ଏହି ଅନାବାଦୀ ଗୋଚର ଜମିରେ କିଛି ସ୍ଥାନୀୟ ବ୍ୟକ୍ତି ବେଆଇନ ଭାବେ ଇଟା ପକାଇ ଲାଭବାନ ହେଉଥିଲେ। ନିକଟରେ ଥିବା ଜନବସତି ଇଟାଭାଟି ଧୂଆଁରେ ପ୍ରଭାବିତ ହେବା ସହିତ ସରକାରୀ ଜାଗାରୁ ମାଟି ଖୋଳିବା ଯୋଗୁଁ ସେହି ସ୍ଥାନ ମଧ୍ୟ ଦୁର୍ବଳ ହେଉଥିଲା। ଛତିଶଗଡ଼ ଏବଂ ଅନ୍ୟ ବାହାର ରାଜ୍ୟରୁ ଶ୍ରମିକ ଆଣି ଇଟାଭାଟି ମାଲିକ ସେମାନଙ୍କୁ ଶୋଷଣ କରୁଥିବା ସମ୍ପର୍କରେ ମଧ୍ୟ ପୂର୍ବରୁ ଅଭିଯୋଗ ଥିଲା। ତେଣୁ ସମ୍ପୂର୍ଣ୍ଣ ବେଆଇନ ଭାବେ ଚାଲିଥିବା ଏହି ଇଟାଭାଟି ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଜିଲ୍ଲାପାଳ ଶ୍ରୀ ସୋନାଲ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ମଧ୍ୟ ଜିଲ୍ଲାବ୍ୟାପୀ ବେଆଇନ ଇଟାଭାଟି, ବେଆଇନ ବାଲି ଓ ମାଟି ଚାଲାଣ ଉପରେ ଅଙ୍କୁଶ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ରହିଥିବା ସୂଚନା ମିଳିଛି।

---

**ଆଦର୍ଶ ବିଦ୍ୟାଳୟ ଛାତ୍ର ନିର୍ଯାତନା ଘଟଣା**

## ନ୍ୟାୟ ଅପେକ୍ଷାରେ ଅଭିନବର ମା'

ରଘୁନାଥପୁର,୧୩।୨(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକର କୋରକର ସ୍ଥିତ ଆଦର୍ଶ ବିଦ୍ୟାଳୟଟି ବର୍ତ୍ତମାନ ବହୁ ବିବାଦରେ ଛନ୍ଦି ହୋଇ ପଡିଥିବା ଜଣାଯାଇଛି। ଗତ ଫେବୃଆରୀ ୧୦ ତାରିଖ ଦିନ ସ୍କୁଲର ଉପାଧକ୍ଷ ଯାଜ୍ଞସେନୀ ନାୟକ ନବମ ଶ୍ରେଣୀରେ ପଢୁଥିବା ଅରଙ୍ଗ ଗ୍ରାମର ସ୍ୱର୍ଗତ ଅଶୋକ କୁମାର ମହାନ୍ତିଙ୍କ ପୁଅ ଅଭିନବ ମହାନ୍ତିଙ୍କୁ ନିଜ ପ୍ରକୋଷ୍ଠକୁ ଡାକି ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦେଇଥିବା ନେଇ ଛାତ୍ରଟିର ମା' ବନଜା ମହାନ୍ତି ରଘୁନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଫେବୃଆରୀ ୬ ତାରିଖ ସ୍କୁଲର ବାର୍ଷିକୋତ୍ସବ ଅବସରରେ ପିଅନଙ୍କୁ ତାଙ୍କ ପୁଅ ଅଭିନବ ଖରାପ ବ୍ୟବହାର ପ୍ରଦର୍ଶନ ନେଇ ଉପାଧକ୍ଷ ପୁଅକୁ ସ୍କୁଲର ତିନି ଚାରି ଜଣ ଶିକ୍ଷକଙ୍କ ସମ୍ମୁଖରେ ମାଡ଼ମାରି ସଂପୃକ୍ତ ପିଅନ ସତ୍ୟ ରଞ୍ଜନ ମହାନ୍ତିଙ୍କ ଗୋଡ଼କୁ ଆଣ୍ଠେଇ ଧରି ଭୁଲ୍ ମାଗିବା ପାଇଁ ବାଧ୍ୟ କରିଥିଲେ। ଏହି ଘଟଣାରେ ଅଭିନବ ଘୋର ଲଜ୍ଜା ଅନୁଭବ କରିବା ସହିତ ସ୍କୁଲରୁ ଫେରିବା ପରେ ମାନସିକ ଭାରସାମ୍ୟ ହରାଇ ନିଜ ଘରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବାବେଳେ ବନଜା ତାଙ୍କୁ ରକ୍ଷା କରିବା ସହିତ ଏହି ଘଟଣାରେ ରଘୁନାଥପୁର ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ଏତଲା ଆଧାରରେ ପୁଲିସ ୩ ଦିନ ଧରି ତଦନ୍ତ ଚାଲୁ ରଖିଥିବା ବେଳେ ମାମଲାଟି ପଞ୍ଜିକୃତ ହୋଇନଥିବା ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଜଣାଇଛନ୍ତି। ଏହି ଘଟଣାରେ ଆଦର୍ଶ ବିଦ୍ୟାଳୟର ଉପାଧକ୍ଷଙ୍କ ସହିତ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ଅନିଚ୍ଛାକୃତ ଭାବେ ଯୋଗାଯୋଗ ହୋଇ ପାରିନାହିଁ। ତେବେ ନିଜ ପୁଅର ଏଭଳି ଅବସ୍ଥାରେ ଉପଯୁକ୍ତ ନ୍ୟାୟ ପାଇଁ ମା' ବନଜା ଅପେକ୍ଷା କରିଥିବା ବେଳେ ସ୍କୁଲରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ଉତ୍ସବକୁ କେନ୍ଦ୍ର କରି ଏ ଭଳି ସମସ୍ୟା ଉପୁଜୁଥିବା ଅଭିଭାବକ ମହଲରେ ଆଲୋଚନା ହେଉଛି।

## ଆଇନଜୀବୀଙ୍କୁ କଥାବାଚକ ସମ୍ମାନ

କୁଜଙ୍ଗ,୧୩।୨(ସମିସ): ନିଖିଳ ଉତ୍କଳ ପ୍ରବକ୍ତା ପରିଷଦ ପକ୍ଷରୁ କୁଜଙ୍ଗ ବ୍ଲକ ବଡ଼ପାଳ ନିବାସୀ ଆଇନଜୀବୀ କିଶୋର କୁମାର ଶତପଥୀଙ୍କୁ ସମାଜସେବା ଓ କଥାବାଚନ ପାଇଁ ସମ୍ମାନିତ କରାଯାଇଛି। କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ଗଡିଜଙ୍ଗ ମୁକ୍ତି ମନ୍ତ୍ର ସତ୍ୟାଶ୍ରମର ବାର୍ଷିକ ଉତ୍ସବ ଆବାହକ ପଣ୍ଡିତ ସୁଧିର ପତିଙ୍କ ସଂଯୋଜନାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରବକ୍ତା ପ୍ରମୋଦ ପଣ୍ଡା, ବାବା ନିରଞ୍ଜନ, ଏମ୍ ମହାରାଜ, ପଣ୍ଡିତ ଗଣେଶ୍ୱର୍ ମିଶ୍ର, ପଣ୍ଡିତ ଭାବଗ୍ରାହୀ ମିଶ୍ର, ପ୍ରବଚକ ଅନୀଲ ଦାଶ, ଡ. ଶ୍ରୀଧର ମହାନ୍ତି, ସୁଶ୍ରୀ ବୀଣାପାଣି ପାତ୍ର ପ୍ରମୁଖ ଯୋଗ ଦେଇ ଶ୍ରୀ ଶତପଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

## ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ ଜର୍ସି ଉନ୍ମୋଚିତ



ଜଗତସିଂହପୁର,୧୩।୨(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଆଶ୍ରମପାଟଣାସ୍ଥ ବୀଣାପାଣି ଉଚ୍ଚବିଦ୍ୟାଳୟ ଖେଳପଡିଆରେ ଆଶ୍ରମପାଟଣା ଭଲିବଲ ୟୁନିଅନ ଓ ପ୍ରଫୁଲ ପାଠାଗାର ମିଳିତ ଆନୁକୂଲ୍ୟରେ ହେବାକୁ ଥିବା ୩୩ତମ ରାଜ୍ୟସ୍ତରୀୟ ଦିବାରାତ୍ର ବାଳକ/ବାଳିକା ଭଲିବଲ ଟୁର୍ଣ୍ଣାମେଣ୍ଟ ପାଇଁ ଆଜି ଜର୍ସି ଉନ୍ମୋଚନ କରାଯାଇଛି। ଆଶ୍ରମପାଟଣା ଭଲିବଲ ୟୁନିଅନର ସଭାପତି ନିରଞ୍ଜନ ଦାଶ ଏଥିରେ ଯୋଗଦେଇ ଟୁର୍ଣ୍ଣାମେଣ୍ଟର ଆଭିମୁଖ୍ୟ ଓ ତାରିଖ ସମ୍ପର୍କରେ ସୂଚନା ଦେଇଥିବାବେଳେ ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ଯୋଗଦେଇ ଅଂଶଗ୍ରହଣ କରିବାକୁ ଥିବା ଉଭୟ ବାଳକ ଓ ବାଳିକା ବର୍ଗର ଖେଳାଳିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି କହିଥିଲେ। ଏଥିସହିତ ଦେବୀପ୍ରସାଦ ମହାନ୍ତି ଓ ପୁଷ୍ପାଞ୍ଜଳି ସାହୁ ୨୦୨୬ ପାଇଁ କ୍ରୀଡାରତ୍ନ ସମ୍ମାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଇରଙ୍ଗ ସରପଞ୍ଚ ଲିପକ ସାହୁ, ମ୍ୟାନେଜର ଦୀପ୍ତିରଞ୍ଜନ ଦାଶ, ସମ୍ପଦ ବେହେରା, ପ୍ରଦୀପ୍ତ ସାହୁ, ହିମାଂଶୁ ଦାଶ, ରମେଶ ମହାନ୍ତି, ଅମିତ ଆଚାର୍ଯ୍ୟ, ସୁବ୍ରତ ଦାସ, କନକ କିଶୋର ସର୍ଜନ ସିଂହ, ପପୁନି ରାୟଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ଖେଳାଳି ଉପସ୍ଥିତ ଥିଲେ।

---

## କୁତାମଚଣ୍ଡୀ ମନ୍ଦିରରୁ ଲୁଟ

ନାଉଗାଁ,୧୩।୨(ସମିସ): ନାଉଗାଁ ଗ୍ରାମରେ ଥିବା ସର୍ବପୁରାତନ ମା' କୁତାମଚଣ୍ଡୀ ମନ୍ଦିରରୁ ଲୁଟ୍, ନାଉଗାଁ ଥାନାରେ ଅଭିଯୋଗ ଆଣିଲେ ପୂଜକ, ସନ୍ଧାନୀ କୁକୁର ସାହାଯ୍ୟରେ ପୁଲିସର ତଦନ୍ତ ଆରମ୍ଭ। ସୂଚନା ମୁତାବକ ଆଜି ନାଉଗାଁ ଗ୍ରାମରେ ଥିବା ମା' କୁତାମଚଣ୍ଡୀ ମନ୍ଦିରକୁ ପୂଜକ ଜୟଦେବ ପାଢ଼ୀ ପୂଜା କରିବାକୁ ଯାଇଥିବା ସମୟରେ, ମନ୍ଦିର ମୁଖ୍ୟ ଦ୍ୱାର ଭଙ୍ଗାଜାଇ ମା'ଙ୍କ ମୁକୁଟ, ରୁପା ଆଖି, ଜିଭ ଓ ପିତ୍ତଳ ସାମଗ୍ରୀ ଲୁଟ ହୋଇଥିବାର ଦେଖିବାକୁ ପାଇଥିଲେ। ଯାହାକୁ ଆଧାର କରି ସେ ଏକ ଲିଖିତ ଅଭିଯୋଗ ନାଉଗାଁ ପୁଲିସ ଷ୍ଟେସନରେ କରିଥିଲି। ନାଉଗାଁ ପୁଲିସ ଉକ୍ତ ଅଭିଯୋଗ ଅଧାରରେ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାସ୍ଥଳକୁ ଯାଇ ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିବା ସହିତ ଏହି ଘଟଣାକୁ ଆଧାର କରି ୫୧/୨୬ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ନେଇ ଥାନା ଅଧିକାରୀ ପ୍ରଦୀପ୍ତ କାନୁନଗୋ ପ୍ରକାଶ କରିଛନ୍ତି।

## ବୃନ୍ଦାବନ କଲୋନୀରେ ଅଗ୍ନିକାଣ୍ଡ

ପାରାଦୀପ, ୧୩।୨ (ସମିସ): ଆଜି ରାତି ପାଖାପାଖି ୮ ଟାରେ ପାରାଦୀପ ବୃନ୍ଦାବାନ କଲୋନୀ ୫ ନମ୍ବର ଗଳି ନିକଟରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ହଠାତ ନିଆଁ ଲାଗିବା ପରେ ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବା ପାଇଁ ପାଣି ପକାଇ ଥିଲେ। ଆଜି ବନ୍ଦର ପକ୍ଷରୁ କମ୍ ପାଣି ସପ୍ଲାଇ ଦିଆଯାଇଥିବାରୁ ପାଣିର ଅଭାବ ଦେଖାଦେଇଥିଲା। ଏ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ପାରାଦୀପ ବନ୍ଦର, କୁଜଙ୍ଗ ଓ ଇଫ୍କୋ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଅଶୋକ ସ୍ୱାଇଁ ଓ ବାବୁଲି ସ୍ୱାଇଁ ଦୁଇ ଭାଇଙ୍କ ୪ ବଖରା ଘର ଓ ଆସବାସପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ଉକ୍ତ ଘର ନିକଟରେ ଥିବା ଅନ୍ୟଜଣେ ମାଲିକଙ୍କର ଗୋଟିଏ ବଖରା ଆଜବେଷ୍ଟସ ଘର ଅଳ୍ପକେ ବର୍ତ୍ତି ଯାଇଥିଲା। ପୋଡି ଯାଇଥିବା ଚାଳ ଘରେ ଥିବା ଟିଭି, ଫ୍ରିଜ, ଗଡରେଜ ସହ ଏକ ବାଇକ୍ ଓ ବହୁ ନିତ୍ୟ ବ୍ୟବହୃତ ଆସବାସପତ୍ର ପୋଡି ଯାଇଛି। ଏପରିକି ନିକଟରେ ଥିବା ଗୋଟିଏ ବାଇକ ନିଆଁରେ ସମ୍ପୂର୍ଣ୍ଣ ପୋଡି ଯାଇଛି। ଖବର ପାଇ ସ୍ଥାନୀୟ ଅଞ୍ଚଳର ସମାଜସେବୀ ତଥା ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ସୁଶୀଲ କୁମାର ମହାପାତ୍ର ପରିବାର ଲୋକଙ୍କୁ ଆଶ୍ୱାସନ ଦେବା ସହ ପୌର ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦେବା ଲାଗି ଅନୁରୋଧ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କାହ୍ନୁ ଲେଙ୍କାଙ୍କ ପରଲୋକରେ ସାଂସଦଙ୍କ ଶୋକ

କୁଜଙ୍ଗ,୧୩।୨(ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟ ରାଜସ୍ୱ ମନ୍ତ୍ରୀ ଏବଂ ପ୍ରଦେଶ କଂଗ୍ରେସ ସଭାପତି କାହ୍ନୁଚରଣ ଲେଙ୍କାଙ୍କ ବିୟୋଗ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଜଗତସିଂହପୁର ସାଂସଦ ଡା. ବିଭୁପ୍ରସାଦ ତରାଇ ଏକ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି। ତାଙ୍କ ରେଳମନ୍ତ୍ରୀ ପଦ ଥିବା ସମୟରେ ରାଜ୍ୟରେ ରେଳ ଲାଇନ୍‌ର ସମୃଦ୍ଧି ଓ ପୁରୁଷୋତ୍ତମ ଏକ୍ସପ୍ରେସ ଟ୍ରେନ୍ ପରି ବହୁ ନୂତନ ଟ୍ରେନ ଆରମ୍ଭ ହେବା ଓ ରାଜ୍ୟ ବିକାଶରେ ତାଙ୍କର ପ୍ରଶଂସନୀୟ ଯୋଗ ଦାନ ସବୁ ବେଳେ ମନେ ରହିବ ବୋଲି କହିଛନ୍ତି।

## ବାବା ଭୂତେଶ୍ୱରଙ୍କ ଯଜ୍ଞ ଉତ୍ସବ

ପାରାଦୀପ,୧୩।୨(ସମିସ): ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇ ଗ୍ରାମର ଶ୍ରୀଜଗନ୍ନାଥ ତତ୍ତ୍ୱାଶ୍ରମ ପରିସରରେ ଥିବା ବାବା ଭୂତେଶ୍ୱର ମହାଦେବଙ୍କ ଚତୁର୍ଥ ବାର୍ଷିକ ଯଜ୍ଞ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବାର୍ଷିକ ଯଜ୍ଞ ଆରମ୍ଭ ହୋଇଥିବାରୁ ଆଶ୍ରମ ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ବାର୍ଷିକ ଉତ୍ସବ ଉପଲକ୍ଷେ ମହାଦେବଙ୍କ ମନ୍ଦିର ନିକଟରେ ମୀନାବଜାର ପଡିଥିବାରୁ କିଣା କିଣି ପାଇଁ ଗ୍ରାହକଙ୍କ ଗହଳି ପରିଲକ୍ଷିତ ହୋଇଛି। ତେବେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁମାନେ ଉପସ୍ଥିତ ହୋଇ ମହାଦେବଙ୍କ ଆଶ୍ରିତ ଲାଭ କରିଥିଲେ। ମହାଦେବଙ୍କର ଆଶ୍ରିତ ଭକ୍ତ ମନ୍ଦିର ପରିଚାଳନା କମିଟିର ସହଯୋଗୀ, କର୍ମକର୍ତ୍ତା ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**ଜଗତସିଂହପୁର ମାଟିର ପୁଅ ସାରଦା ରଣା**

## ଖଣ୍ଡଗିରିରେ ଜିତିଲେ ଶ୍ରେଷ୍ଠ ନିର୍ଦ୍ଦେଶକ ପୁରସ୍କାର



ଜଗତସିଂହପୁର,୧୩।୨(ସମିସ): ଭୁବନେଶ୍ୱର ଖଣ୍ଡଗିରିଠାରେ କୁମ୍ଭମେଳା ଅବସରରେ ଅନୁଷ୍ଠିତ ଯାତ୍ରା ମହାକୁମ୍ଭରେ ଯାତ୍ରା ରଙ୍ଗମହଲର ନାଟକ 'କଟି କଟି ଡବଲ କଟି' ଲଗାତାର ୬ ରାତି ମଞ୍ଚସ୍ଥ ହେବା ସହିତ ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଛି। ଏହି ନାଟକର ନିର୍ଦ୍ଦେଶନା ଦେଇଥିବା ଜଗତସିଂହପୁର ମାଟିର ପୁଅ ସାରଦା ପ୍ରସାଦ ରଣାଙ୍କୁ ଚଳିତବର୍ଷର ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ କରାଯାଇଛି। ସଂଯୋଗ ବଶତଃ ଏହି ନାଟକର ମୁଖ୍ୟ ଅଭିନେତା ପ୍ରତାପ ରାଉତଙ୍କ ଘର ମଧ୍ୟ ଜଗତସିଂହପୁର ଜିଲ୍ଲାରେ। ତେଣୁ ଖଣ୍ଡଗିରି ଯାତ୍ରା ମେଳାରେ ଜଗତସିଂହପୁରିଆ ବାଜି ମାରିନେଲେ ବୋଲି ରାଜଧାନୀରେ ଚର୍ଚ୍ଚା ହେଉଛି। ଗୋଟିଏ ସମୟ ଥିଲା ଯେତେବେଳେ ଖଣ୍ଡଗିରି ଯାତ୍ରାରେ ଜଗତସିଂହପୁର ଜିଲ୍ଲାର ଯାତ୍ରା ଅନୁଷ୍ଠାନ ପାର୍ବତୀ, ତୁଳସୀ, ତ୍ରିନାଥ, ଗୌରୀ, ତାରପୁର, ଶିବାନୀ ଆଦି ଯାତ୍ରା ଅନୁଷ୍ଠାନ ଜଗତସିଂହପୁରର ଟେକ ରଖୁଥିଲେ। କିନ୍ତୁ ଆଜି ସେ ସମୟ ନାହିଁ କିମ୍ବା ଆଉ ସେଭଳି ନାମକରା ଯାତ୍ରାପାର୍ଟି ଜଗତସିଂହପୁରରେ ନାହିଁ। ଜଗତସିଂହପୁର ଜିଲ୍ଲା ପୁନଙ୍ଗ ଗ୍ରାମର ସାରଦା ରଣା ଏବେ ଓଡ଼ିଶାର ଜଣେ ଆଗ ଧାଡ଼ିର ଯାତ୍ରା ନିର୍ଦ୍ଦେଶକ। ଚଳିତ ବର୍ଷ ଯାତ୍ରା ଇନ୍ଦ୍ରଭୁବନର 'ସକଳ ତୀର୍ଥ ତୋ ଚରଣେ, ସିଂହବାହିନୀର 'ଏଥୁ ଅନ୍ତେ କଳିଯୁଗ ଶେଷ' ଭଳି ନାଟକରେ ନିର୍ଦ୍ଦେଶନା ଦେଇ ଯାତ୍ରା ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଚଳିତ ବର୍ଷ ଓଡିଶା ଯାତ୍ରା ଲଭର୍ସ ଏବଂ ମା' ମଙ୍ଗଳା ସାଂସ୍କୃତିକ ପରିଷଦ ଖଣ୍ଡଗିରି ତଥା ଯାତ୍ରା ରଙ୍ଗମହଲ ତରଫରୁ ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ ପାଇବା ସହ ଓଡ଼ିଶା ଯାତ୍ରା ମାଷ୍ଟର୍ସ ଆସୋସିଏସନର କାର୍ଯ୍ୟନିର୍ବାହୀ କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

## ଏନ୍‌ଜେଡବ୍ଲୁର ସେବା ଶିବିର ଉଦ୍‌ଯାପିତ



ଜଗତସିଂହପୁର,୧୩।୨(ସମିସ): ଏନ୍‌ଜେଡବ୍ଲୁ (ଓପନ ୟୁନିଟ) ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଆଣ୍ଡ ଗାଇଡ୍ ତରଫରୁ ଚାରି ଦିନିଆ ସାମାଜିକ ସେବା ଶିବିର ସାଦେଇପୁର ସ୍ଥିତ ଆଖଣ୍ଡଳମଣି ମହାଦେବଙ୍କ ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅବସରରେ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କାର୍ଯ୍ୟକ୍ରମ ୯ରୁ ୧୧ ପର୍ଯ୍ୟନ୍ତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ସେବା ଶିବିରର ଶିବର ପ୍ରମୁଖ ବିଜୟ କୁମାର ରଥ, ଶିବିର ପରିଚାଳକ ମୁଖ୍ୟ ଆଶୁତୋଷ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ସିନିୟର୍ ରୋଭରମେଟ ଆକାଶ, ସନ୍ତୋଷ, କ୍ରାନ୍ତି, ଲିପୁନ୍, ସିଦ୍ଧାନ୍ତ, ସତ୍ୟଜିତ, ରାହୁଲ, ସୁଦର୍ଶନ, ସିପୁନ, ଓମ୍, ସ୍ୱରାଜ, ସୌମ୍ୟଜିତ୍ ଯୋଗଦେଇ ପ୍ରଥମେ ଫ୍ଲାଗ ସେରିମୋନି କରିଥିଲେ। ଏହା ପରେ ରୋଭରମାନେ ଯାତ୍ରା ଓ ନଗରକୀର୍ତ୍ତନରେ ସହଯୋଗ କରିବା ସହ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ଲୋକମାନଙ୍କୁ ଦହି ପଣା ବାଣ୍ଟି ଥିଲେ। ମନ୍ଦିର ଚାରିପାଖେ ସଫାସୁତୁରା କରିବା ସହ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ଲୋକମାନଙ୍କୁ ବୁଝାଇଥିଲେ। ଜଗତସିଂହପୁର ଜିଲ୍ଲାରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ଏନ୍‌ଜେଡବ୍ଲୁ ୟୁନିଟକୁ ସମ୍ମାନନୀୟ ଆଚାର୍ଯ୍ୟ ମଣ୍ଡଳୀ ଏବଂ ଆଖଣ୍ଡଳମଣି ପୂଜା କମିଟିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମିଶ୍ର, ନାରାୟଣ ପଣ୍ଡା, ଶିଶିର ପତି, ନିରଞ୍ଜନ ପଣ୍ଡା, ଶୁଭକାନ୍ତ ତ୍ରିପାଠି, ଲକ୍ଷ୍ମୀକାନ୍ତ ମିଶ୍ର, ପୀତାମ୍ବର ସ୍ୱାଇଁ, ମହେନ୍ଦ୍ର ପଣ୍ଡା, ଲୋକନାଥ ଦାସ, ରଞ୍ଜନ ପଣ୍ଡା, ରବୀନ୍ଦ୍ର ପଣ୍ଡା, ଫକୀର ଚରଣ ପଣ୍ଡା ଓ ବିଶ୍ୱନାଥ ପଣ୍ଡାଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ମନ୍ଦିର କମିଟିର ମୁଖ୍ୟ ନାରାୟଣ ପଣ୍ଡା ସମସ୍ତଙ୍କୁ ସାଧୁବାଦ ଜଣାଇ ଥିଲେ।

## କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ତିର୍ତ୍ତୋଲ,୧୩।୨(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ନାଉସିରା ସ୍ଥିତ ଆଖଣ୍ଡଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ରିତୁଶ୍ରୀ ଦାସ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଦ୍ୟାଳୟ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ଦାଶ, ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ନାୟକ, ପ୍ରତାପ ଚନ୍ଦ୍ର ଦାସ, ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ, ମାନସୀ ମାଣିକ ପ୍ରମୁଖ ଯୋଗଦେଇଥିଲେ। ନାଉସିରା ଗ୍ରାମର ଜଳଧର ଦାସ ଓ ରଞ୍ଜୁବାଳା ଦାସଙ୍କ କନ୍ୟା ରିତୁଶ୍ରୀ ଜଣେ ଜଣେ ମେଧାବୀ ଛାତ୍ରୀ।

## ଆଇଡିଆଇ ବ୍ୟାଙ୍କ ପକ୍ଷରୁ ସିଏସ୍ଆର୍ ପାଣ୍ଠି ପ୍ରଦାନ

ଜଗତସିଂହପୁର,୧୩।୨(ସମିସ): ଜଗତସିଂହପୁର ଜିଲ୍ଲାର ବିଭିନ୍ନ ପ୍ରକଳ୍ପ ପାଇଁ ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ସାମାଜିକ ଦାୟିତ୍ୱ ବୋଧ ପାଣ୍ଠି ଜନସାଧାରଣଙ୍କ ସେବା ଶିକ୍ଷା କ୍ଷେତ୍ରରେ ଉନ୍ନତି ନିମିତ୍ତ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଛି। ଏହି କ୍ରମରେ ମାର୍କଣ୍ଡପୁର ସ୍ଥିତ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏକ ସ୍ମାର୍ଟ ଟିଭି ଏବଂ ଥଣ୍ଡା ବିଶୁଦ୍ଧ ଜଳ ମେସିନ୍ ପ୍ରଦାନ କରାଯାଇଛି। ସେହିପରି ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ଜଗତସିଂହପୁର ଶ୍ରୀକୃଷ୍ଣ ଏକାଡେମୀକୁ ମଧ୍ୟ ଏକ ଥଣ୍ଡା ପାନୀୟ ଜଳ ମେସିନ୍ ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ଏବଂ ବିଦ୍ୟାଳୟର ବରିଷ୍ଠ ଶିକ୍ଷକମାନଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସେବା ଉଦେଶ୍ୟରେ ବ୍ୟାଙ୍କ ପକ୍ଷରୁ ଗୋଟିଏ ଜଣ୍ଡିସ୍ ଡିଟେକ୍ଟର ମେସିନ୍, ୭୨ଟି ରିଭଲଭିଂ ଷ୍ଟୁଲ୍, ୨ଟି ଖାଦ୍ୟ ଟ୍ରଲି, ୨ଟି ଔଷଧ ପରିବହନ ଟ୍ରଲି, ୨ଟି ଷ୍ଟ୍ରେଚର୍ ଏବଂ ୧୦ଟି ମିଡିଲ୍ ହବ୍ କଟର୍ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜୀଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜେନ୍ଦ୍ର ପାଣିଗ୍ରାହୀ, ଏଡିଏମଓ ଡା. ସରୋଜ କୁମାର ଜେନା ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷରୁ ଏଜିଏମ ତଥା ଶାଖା ପରିଚାଳକ ଆଶିଷ କୁମାର ଖମାରୀ ଯୋଗଦେଇ ସମାଜର କଲ୍ୟାଣ ଏବଂ ଉନ୍ନତି ପାଇଁ ଆଇଡିବିଆଇ ବ୍ୟାଙ୍କର ପ୍ରତିବଦ୍ଧତାକୁ ଦୋହରାଇଥିଲେ।

---

# ଧାନ ବେପାରୀଙ୍କ ଘରେ ପ୍ରଶାସନର ଚଢ଼ଉ; ୩୮୧ ବସ୍ତା ଧାନ ଜବତ

ଜଗତସିଂହପୁର,୧୩।୨(ସମିସ)



ଜଗତସିଂହପୁର ଜିଲ୍ଲାରେ ଏବେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଥିବା ବେଳେ ମିଲରଙ୍କ ମନମାନି ଏବଂ ମଣ୍ଡି ଅବ୍ୟବସ୍ଥା ଯୋଗୁଁ ଚାଷୀମାନେ ହଇରାଣ ହେଉଛନ୍ତି। ଏହାର ପ୍ରତିବାଦ କରି ନବନିର୍ମାଣ କୃଷକ ସଙ୍ଗଠନ କିଛି ଦିନ ତଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିଥିଲା। ଏହାସତ୍ତ୍ୱେ ଏବେ ମଧ୍ୟ ଜିଲ୍ଲା ବିଭିନ୍ନ ଅଞ୍ଚଳରେ ଧାନ ବେପାରୀମାନେ ଚାଷୀଙ୍କ ଠାରୁ କମ ଦାମରେ ଧାନ କିଣି ଅଧିକ ଦାମରେ ବିକ୍ରି କରି ମାଲାମାଲ ହେଉଛନ୍ତି। ଫଳରେ ଚାଷୀ ତାର ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛି। ଏହିଭଳି ଜଣେ ଧାନ ବେପାରୀଙ୍କ ଘର ଉପରେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ବେପାରୀ ଜଣକ ହେଲେ ତିର୍ତ୍ତୋଲ ବ୍ଲକର ଅନ୍ତର୍ଗତ କନିମୂଳ ଗ୍ରାମ ପଞ୍ଚାୟତର ମଉଗଜପୁର ଗ୍ରାମ ବାସିନ୍ଦା ନୃସିଂହ ଦାସ। କୌଣସି ସୂତ୍ରରୁ ଖବର ପାଇ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ତିର୍ତ୍ତୋଲର ଅତିରିକ୍ତ ତହସିଲଦାର ଏବଂ କୃଷ୍ଣାନନ୍ଦପୁର ପୁଲିସ ନୃସିଂହ ଦାସଙ୍କ ଘରେ ଚଢ଼ଉ କରି ୩୮୧ ଧାନ ବସ୍ତା ଜବତ କରିଛନ୍ତି। ନୃସିଂହ ଦାସଙ୍କ ଚାଷ ଜମି ତୁଳନାରେ ଏହା ଯଥେଷ୍ଟ ଅଧିକ ଥିଲା। ତଦନ୍ତ ବେଳେ ନୃସିଂହ ଦାସ, ଉପଜିଲ୍ଲାପାଳଙ୍କ ସମ୍ମୁଖରେ ସ୍ୱୀକାର କରିଥିଲେ କି ସେ ଧାନ ବେପାର କରିବା ଉଦ୍ଦେଶ୍ୟରେ ଏମ୍‌ଏସ୍‌ପି ମୂଲ୍ୟ ଠାରୁ ବହୁ କମ୍ ଦରରେ ଚାଷୀମାନଙ୍କ ଧାନ କିଣିଥିଲା। ଧାନର ଅଭାବୀ ବିକ୍ରିକୁ ରୋକିବା ଉଦ୍ଦେଶ୍ୟରେ ଉପଜିଲ୍ଲାପାଳ, ଉକ୍ତ ୧୫୦ କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଧାନକୁ ଜବତ କରି ନୃସିଂହ ଦାସ ବିରୋଧରେ ଏକ ମାମଲା ରୁଜୁ କରାଇଥିଲେ। ଉପଜିଲ୍ଲାପାଳଙ୍କ ଏତାଦୃଶ କାର୍ଯ୍ୟାନୁଷ୍ଠାନ ଅନ୍ୟ ଧାନ ବେପାରୀ ମାନଙ୍କ ମଧ୍ୟରେ ନିଶ୍ଚୟ ଭୟ ସୃଷ୍ଟି କରିବ। ମାତ୍ର ମଣ୍ଡିରେ କ୍ୱିଣ୍ଟାଲ ପିଛା ୪/୬ କେଜି ଧାନ ଗରିବ ଚାଷୀ ଠାରୁ ହଡ଼ପ କରୁଥିବା ମିଲରମାନଙ୍କ ଉପରେ କେତେ ପ୍ରଭାବ ପକାଇବ ତାହା ଦେଖିବାକୁ ବାକି ରହିଲା। ଅନ୍ୟପକ୍ଷରେ ମଣ୍ଡିରେ ମିଲରର ଧାନ ଭର୍ତ୍ତି ଟ୍ରକ୍ ଉପରେ ଚଢ଼ଉ ପାଇଁ କୃଷକ ସଙ୍ଗଠନ ଦାବି ଉଠାଇଛି।

### ଚାଷ ଓ ବ୍ୟବସାୟିକ କାର୍ଯ୍ୟରେ ପିଇବା ପାଣି

# ବିଡିଓଙ୍କ ଷ୍ଟିଙ୍ଗ୍ ଅପରେସନ୍; ୧୦ଟି ପମ୍ପ୍ ଓ ପାଇପ୍ ଜବତ

କେନ୍ଦ୍ରାପଡ଼ା, ୧୩।୨(ସମିସ)

ପାନୀୟ ଜଳକୁ ଚୋରି କରି ଚାଷ ଓ ବ୍ୟବସାୟିକ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଅଭିଯୋଗ ଉପରେ ବିଡିଓ ଅଭିଷେକ ସ୍ୱାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶ୍ରୀ ସ୍ୱାଇଁ କେନ୍ଦ୍ରାପଡ଼ା ବ୍ଲକର ଚନ୍ଦନପୁର ଓ ବାରୁଅ ଗ୍ରାମାଞ୍ଚଳରେ ଷ୍ଟିଙ୍ଗ୍ ଅପରେସନ କରି ୧୦ଟି ପାଣି ପମ୍ପ ଓ ପାଇପ ଜବତ କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ସରକାରୀ ବ୍ୟବସ୍ଥାରେ ଗ୍ରାମବାସୀଙ୍କୁ ପିଇବା ପାଣି ଯୋଗାଇ ଦିଆଯାଉଥିବାବେଳେ କେତେକ ବ୍ୟକ୍ତି ମୁଖ୍ୟ ପାଇପ ଲାଇନ କାଟି ନିଜ ବିଲରେ ପନିପରିବା ଚାଷ ଓ କୁକୁଡ଼ା ଫାର୍ମରେ ପାଣି ବ୍ୟବହାର କରୁଥିଲେ। ଏହାର ପରିଣାମରେ ସାଧାରଣ ଲୋକେ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଥିଲେ। ଏ ନେଇ ଗ୍ରାମବାସୀ ପ୍ରଶାସନଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ଘଟଣାର ସତ୍ୟାସତ୍ୟ ଯାଞ୍ଚ ପାଇଁ ବିଡିଓ ଗୁପ୍ତ ଭାବେ ଷ୍ଟିଙ୍ଗ ଅପରେସନ କରିଥିଲେ। ସେ ସରକାରୀ ଗାଡି ବଦଳରେ ବାଇକରେ ସାଧାରଣ ଚାଷୀ ବେଶରେ ଦୁଇଟି ଗାଁରେ ପହଞ୍ଚି ପାଣି ଚୋରି ହେଉଥିବା ସ୍ଥାନ ଚିହ୍ନଟ କରିଥିଲେ। ପରେ ବ୍ଲକ କର୍ମଚାରୀଙ୍କୁ ସହ ନେଇ ଚଢ଼ଉ କରି ଅବୈଧ ଭାବେ ଲଗାଯାଇଥିବା ମୋଟର ଓ ପାଇପ ଜବତ କରାଯାଇଥିଲା। ଘଟଣା ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାକୁ ଅବଗତ କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାଣି ଚୋରି କରୁଥିବା ୧୦ ଜଣ ବ୍ୟକ୍ତିଙ୍କ ନାମ ଓ ଠିକଣା ସଂଗ୍ରହ କରି ମାମଲା ରୁଜୁ ପାଇଁ ପଦକ୍ଷେପ ନେଇଛି। ବିଡିଓ ଶ୍ରୀ ସ୍ୱାଇଁ କହିଛନ୍ତି, ପାନୀୟ ଜଳ ଲୋକଙ୍କ ପିଇବା ପାଇଁ ଯୋଗାଯାଉଛି। ଏହାକୁ ଚୋରି କରିବା କାହାର ଅଧିକାର ନାହିଁ। କୁକୁଡ଼ା ଫାର୍ମ କିମ୍ବା ଚାଷ କାର୍ଯ୍ୟ ପାଇଁ ପାଣି ଆବଶ୍ୟକ ହେଲେ ସମ୍ପୃକ୍ତ ବ୍ୟକ୍ତି ନିଜେ ବୋରୱେଲ କରି ପାଣି ବ୍ୟବହାର କରିପାରିବେ। ଲୋକଙ୍କ ପିଇବା ପାଣିକୁ ଅବୈଧ ଭାବେ ବ୍ୟବହାର କଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ପ୍ରଶାସନର ଏହି ପଦକ୍ଷେପକୁ ସ୍ଥାନୀୟ ଲୋକ ସ୍ୱାଗତ କରିଛନ୍ତି।

### ● ଓଲାଭର ବଜାର ଉଚ୍ଛେଦବେଳେ ଶିକ୍ଷକଙ୍କ ଉପସ୍ଥିତି ପ୍ରସଙ୍ଗ

# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବୁଦ୍ଧିଜୀବୀଙ୍କ ଅଭିଯୋଗ



ରାଜକନିକା, ୧୩।୨(ସମିସ): ଓଲାଭର ବଜାର ଉଚ୍ଛେଦ ବେଳେ ଜଣେ ସରକାରୀ ବେତନଭୋଗୀ ଶିକ୍ଷକ ଉପସ୍ଥିତ ରହି ମହିଳା ପୁଲିସ, ତହସିଲ କର୍ମଚାରୀଙ୍କୁ ନାଲିଆଖି ଦେଖାଇବା ଭଳି ଗୁରୁତର ଅଭିଯୋଗ ଆଣିଛନ୍ତି ଓଲାଭର ଅଞ୍ଚଳର ବହୁ ସଚେତନ ନାଗରିକ। ଏଥିସହିତ ଉଚ୍ଛେଦ ବେଳର ଭାଇରାଲ୍ ଭିଡିଓ ଓ ଫଟୋକୁ ଅଭିଯୋଗପତ୍ରରେ ସଂଲଗ୍ନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର କୁମାର ବାରିକଙ୍କୁ ଗୁହାରି କରିଛନ୍ତି। ଗତ ୧୧ ତାରିଖ ଦିନ ବିବାଦୀୟ ଓଲାଭର ବଜାରର ଉଚ୍ଛେଦ ସମୟରେ କନିକା ତହସିଲ ମାଜିଷ୍ଟ୍ରେଟ୍, ତହସିଲ କର୍ମଚାରୀଙ୍କ ସହିତ ରାଜକନିକା ଥାନା ପୁଲିସ୍ ଉପସ୍ଥିତ ଥିବାବେଳେ ପ୍ରାୟ ସାଢେ ୧୦ଟା ସମୟରେ ଓଲାଭର ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିଗମାନନ୍ଦ ଦାସ ଏହି ଉଚ୍ଛେଦ ଉପରେ ପ୍ରଶ୍ନ ଉଠାଇ ସମସ୍ତ ସରକାରୀ ଅଧିକାରୀଙ୍କୁ ଆଙ୍ଗୁଳି ଦେଖାଇ ସେମାନଙ୍କ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଯାହାକି ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବିଦ୍ୟାଳୟରେ ପାଠପଢ଼ା ଚାଲିଥିବାବେଳେ ଜଣେ ପ୍ରଧାନଶିକ୍ଷକ ସ୍କୁଲ ଛାଡି ଜନସ୍ୱାର୍ଥ ଉଚ୍ଛେଦ ପ୍ରକ୍ରିୟାରେ ବାଧା ସାଜି ପ୍ରତିବାଦ କରିବା ଉପରେ ପ୍ରଶ୍ନ ଉଠିଛି। ଉଚ୍ଛେଦ ପ୍ରକ୍ରିୟାର ପକ୍ଷ ହୋଇଥିବା ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟିଙ୍କୁ ଜୀବନରୁ ମାରି ଦେବାକୁ ମଧ୍ୟ ଯୋଜନା କରିଥିଲେ ବୋଲି ଗୁରୁତର ଅଭିଯୋଗ ହୋଇଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନଳିନୀକାନ୍ତ ପୃଷ୍ଟି, ଅକ୍ଷୟ ପୃଷ୍ଟି, ଅନାଦୀ ସାହୁ, ବିଜୟ ବାରିକ, ଆନନ୍ଦାନନ୍ଦ ପୃଷ୍ଟି, ବିନୋଦ ଦାସ, ଜଗନ ମଲିକ, ମଙ୍ଗୁଳି ସାହୁ, ପ୍ରଫୁଲ୍ଲ ପୃଷ୍ଟି, ଘନଶ୍ୟାମ ପୃଷ୍ଟି, ଗତିକୃଷ୍ଣ ଦାସ, ମନୋରଞ୍ଜନ ବିହାରୀ, ରମେଶ ମଲିକ ପ୍ରମୁଖ ଦସ୍ତଖତ ସମ୍ବଳିତ ଅଭିଯୋଗ ପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି। ତେବେ ଅଭିଯୋଗକୁ ଗୁରୁତ୍ୱ ସହ ନେଇ ଶ୍ରୀ ବାରିକ୍ ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ପୂର୍ବକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିବା ସାମାଜିକ କର୍ମୀ ନଳିନୀକାନ୍ତ ପୃଷ୍ଟି ସୂଚନା ଦେଇଛନ୍ତି।

### ● ମହୁମାଛି ଆକ୍ରମଣରେ ୬ ଆହତ

## ଜିଲ୍ଲା ଚିକିତ୍ସାଳୟକୁ ଯିବା ବାଟରେ ଜଣେ ମୃତ

ରାଜକନିକା, ୧୩।୨(ସମିସ): ମହୁମାଛି ଆକ୍ରମଣରେ ୬ ଜଣ ଆହତ ହୋଇଛନ୍ତି। ସଂକଟାପନ୍ନ ଅବସ୍ଥାରେ ଜିଲ୍ଲା ଚିକିତ୍ସାଳୟକୁ ଯିବା ବାଟରେ ଜଣଙ୍କର ମୃତ୍ୟୁ ହୋଇଛି। ସୂଚନା ମୁତାବକ, ରାଜକନିକା ଥାନା ଅନ୍ତର୍ଗତ ଜାଗୁଲାଇପଡ଼ା ପଞ୍ଚାୟତ ଜାଗୁଲାଇପଡ଼ା ଗାଁର ବୈଲୋଚନ ବିଶ୍ୱାଳ (୭୫) ଗାଁ ମୁଣ୍ଡ ନଳକୂପ ପାଖରେ ଗାଧୋଇ ସାରି ଫେରୁଥିବାବେଳେ ସଂଖ୍ୟାଧିକ ମହୁମାଛି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କୁ ଗ୍ରାମବାସୀ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ତେବେ ଆମ୍ବୁଲାନ୍ସ ଯୋଗେ ଯାଉଥିବାବେହଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ଜାଗୁଲାଇପଡ଼ା ଗାଁର ଜଣେ ବ୍ୟବସାୟୀ ଘରୁ କଣ୍ଟପଡ଼ା ବଜାର ଆସୁଥିବାବେଳେ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିବାବେଳେ ଗାଁର ଦୁଇଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଓ ଜଣେ ମହିଳା ମଧ୍ୟ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଅନ୍ୟଜଣେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

## ଦୁବାଇରୁ ଆସିଲା ଓଡ଼ିଶା ଶ୍ରମିକଙ୍କ ମରଶରୀର

ଆଳି, ୧୩।୨(ସମିସ): ମେଣ୍ଢପୁର ପଞ୍ଚାୟତ କଣ୍ଟିପୁର ଗ୍ରାମର ଯୁବକ ଦୁବାଇରେ ପାଣି ପାଇପ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଜି ତାଙ୍କ ମରଶରୀରରେ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ କରାଯାଇଛି। କଳ୍ପତରୁ ସାହୁଙ୍କ ବଡ଼ପୁଅ ଅନନ୍ତ ସାହୁ (୩୬) ଦୁବାଇକୁ ଏକ ଘରୋଇ କମ୍ପାନୀରେ ପାଣି ପାଇପ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ। ଗତମାସ ୨୨ ତାରିଖରୁ ତାଙ୍କ ପତ୍ତା ମିଳୁ ନ ଥିଲା। ପରିବାର ଲୋକ ଆଳି ଥାନାରେ ଅଭିଯୋଗ କରିଥିଲେ। ଚଳିତ ଫେବୃଆରୀ ୪ ତାରିଖରେ ଅନନ୍ତ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଜଣାପଡ଼ିଥିଲା। ପରିବାର ମୃତ ଶରୀର ପାଇବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଜେପି ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ସହଯୋଗ ଓ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ପ୍ରଶାସନିକ ଉଦ୍ୟମ କ୍ରମେ ଆଜି ଅନନ୍ତଙ୍କ ମରଶରୀର ଗାଁରେ ପହଞ୍ଚିଥିଲା।

## ଅଗ୍ନିବିପନ୍ନଙ୍କୁ ସହାୟତା

ମାର୍ଶାଘାଇ, ୧୩।୨(ସମିସ): ମାର୍ଶାଘାଇ ବ୍ଲକ ବଛରାଇ ଗ୍ରାମ ଅଗ୍ନିକାଣ୍ଡରେ ନଟବର ରାଉତଙ୍କ ୨ ବଖରା ଘର ଭସ୍ମୀଭୂତ ହୋଇଥିଲା। ଘରର ଆସବାବପତ୍ର ସମେତ ଖାଦ୍ୟଶସ୍ୟ, ରୋଷେଇ ସାମଗ୍ରୀ ପୋଡ଼ିଯାଇଥିଲା। ଅସହାୟ ନଟବରଙ୍କ ଦୁର୍ଦ୍ଦିନରେ କେନ୍ଦ୍ରାପଡ଼ା ବଳଦେବ ସେବା ଓ ସାମାଜିକ ନ୍ୟାୟ ଟ୍ରଷ୍ଟ ସଭାପତି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଞ୍ଜୟ ଲେଙ୍କା ଆର୍ଥିକ ସହାୟତା ସହ ପଲିଥିନ, ବସ୍ତ୍ର, ଗ୍ୟାସ ହାଣ୍ଡି, ରାସନ ସାମଗ୍ରୀ ପ୍ରଦାନ କରିଛନ୍ତି।

## ତଣ୍ଡା ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ

ରାଜନଗର, ୧୩।୨(ସମିସ): ହାତିନାସ୍ଥ ମହିମା ଆଶ୍ରମ ପରିସରରେ ହେବାକୁ ଥିବା ୭୭ତମ ତଣ୍ଡା ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯଜ୍ଞ କମିଟି ସଭାପତି ରବୀନ୍ଦ୍ର ପଡ଼ିହାରୀଙ୍କ ପୌରୋହିତରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୨୬ରୁ ମାର୍ଚ୍ଚ ୨ ତାରିଖ ୫ ଦିନ ଧରି ବଙ୍ଗୋପସାଗର କୂଳ ପେଣ୍ଠ କାନପୁର ବେଳାଭୂମିରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଛି। ୭୬ ବର୍ଷ ପୂର୍ବେ ସିଦ୍ଧ ପରମ ପୁରୁଷ ବାମନ ବାବାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ତଣ୍ଡା ଯଜ୍ଞ ଚଳିତ ବର୍ଷ ବ୍ରହ୍ମାବଧୂତ ଅଭୟ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଖଣ୍ଡ ବ୍ରହ୍ମ ଧ୍ୱନି ଯଜ୍ଞ ସ୍ଥାପନ କରାଯିବା କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେକ ଦିନ ଭଜନ, ଜଣାଣ, ପ୍ରାର୍ଥନା, ଘୃତହୁତି, ପ୍ରବଚନ, ବାଲ୍ୟଲୀଳା, ବେଢ଼ା ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଯଜ୍ଞରେ ବ୍ରହ୍ମ ଅବଧୂତ ମନ୍ଦର ବାବା, ନିତ୍ୟାନନ୍ଦ ବାବା, ଗଦାଧର ବାବା, ସୃଜନ ବାବା, ଚିତ୍ତରଞ୍ଜନ ବାବା, ବାବୁଲି ବାବା, ନଟବର ବାବା, ସୁବ୍ରତ ବାବା ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କମି ଟିର ରବୀନ୍ଦ୍ର ପଡ଼ିହାରୀ, କ୍ଷୀରୋଦ ରାଉତ, କୈଳାସ ରାଉତ, ନିମାଇଁ ବେହେରା, ରବୀନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

## ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ଘୋଷଣା କେବେ: ବିକାଶ ପରିଷଦ

ପଟ୍ଟାମୁଣ୍ଡାଇ, ୧୩।୨(ସମିସ): ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ପୁନଃପ୍ରତିଷ୍ଠା ପାଇଁ ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଘୋଷଣା ଦାବି ଜାରି ରହିଛି। ପଟ୍ଟାମୁଣ୍ଡାଇକୁ ସବଡିଭିଜନ ଘୋଷଣା ପାଇଁ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ୧୫ ବର୍ଷ ଧରି ଆନ୍ଦୋଳନ କରିଆସୁଛି। ଏଥିସହ ରାଜନଗରକୁ ଏନଏସି ଘୋଷଣା ଦାବି କରାଯାଉଛି। ପଟ୍ଟାମୁଣ୍ଡାଇ ସବଡିଭିଜନ ଘୋଷଣା ପାଇଁ ବିଭିନ୍ନ ସମୟରେ ନିର୍ବାଚିତ ବିଧାୟକ ବିଧାନସଭାରେ ପ୍ରଶ୍ନ ଉଠାଇ ସରକାରଙ୍କଠାରୁ ଜବାବ ମାଗିଥିବା ପଟ୍ଟାମୁଣ୍ଡାଇ ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ କେତନ ସ୍ୱାଇଁ ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ସମ୍ପ୍ରତି ଜିଲ୍ଲା ବିଜେପି ନେତା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି ପାଇଁ ଦାବି କରିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। ବିଳମ୍ବରେ ହେଲେ ମଧ୍ୟ ବିଜେପି ନେତାଙ୍କ ପଦକ୍ଷେପକୁ ବିକାଶ ପରିଷଦ ସ୍ୱାଗତ କରିବା ସହିତ ପଟ୍ଟାମୁଣ୍ଡାଇ ସବଡିଭିଜନ ଓ ରାଜନଗର ଏନଏସି କେବେ ଘୋଷଣା ହେବ ସରକାର ସ୍ପଷ୍ଟ କରିବାକୁ ଦାବି କରିଛନ୍ତି। ରାଜ୍ୟ ସରକାର କେବଳ ପ୍ରଚାର ନ କରି ବାସ୍ତବ ପଦକ୍ଷେପ ନେବାକୁ ଶ୍ରୀ ସ୍ୱାଇଁ ଦାବି କରିଛନ୍ତି। ବିକାଶ ପରିଷଦ ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବାକୁ ବିକାଶ ପରିଷଦ ପ୍ରତିଷ୍ଠାତା ଶ୍ରୀ ସ୍ୱାଇଁ ଯୁବନେତା ଅଜୟ ବେହେରାଙ୍କୁ ପରିଷଦ ସଂଯୋଜକ ଭାବେ ନିଯୁକ୍ତି ଦେଇଥିବାବେଳେ ରାଜନଗର ବିକାଶ ପରିଷଦ ଉପଦେଷ୍ଟା ମଣ୍ଡଳୀ ପୁନର୍ଗଠନ କରି ଡ ଧରଣୀଧର ରାଉତ, ସୀତାକାନ୍ତ ରାଉଳ, ଉମାକାନ୍ତ ରାଉତରାୟ, କୁଳମଣି ଦାସ, ସନାତନ ଲେଙ୍କା, ଶରତ ସାହୁ, ରଜନୀକାନ୍ତ ବିଶ୍ୱାଳ, ବିଜୟ ରାଉତ ଓ ବ୍ରହ୍ମାନନ୍ଦ ରାଉତ ପ୍ରମୁଖଙ୍କୁ ସାମିଲ କରାଯାଇଛି।

# ଗରଦପୁର ଯୁବ ମହୋତ୍ସବ ଉଦ୍‌ଯାପିତ




ଗରଦପୁର, ୧୩।୨(ସମିସ): ଗରଦପୁରରେ ଆୟୋଜିତ ଯୁବ ମହୋତ୍ସବ ଉଦ୍‌ଯାପିତ ହୋଇଥିବାବେଳେ ସଫଳତାର ସହ ଶେଷ ହୋଇଛି। ଏହି ପାଞ୍ଚଦିନିଆ ମହୋତ୍ସବରେ ପ୍ରାୟ ଏକ ଲକ୍ଷ ଲୋକଙ୍କ ସମାଗମ ହୋଇଥିବାବେଳେ ୧୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ଏହି ମହୋତ୍ସବ ଯୁବସମାଜକୁ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ମାର୍ଗରେ ଉତ୍ସାହିତ କରିବାରେ ସଫଳ ହୋଇଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ସମ୍ମାନିତ ଅତିଥି ଭାବେ ଓଲିଉଡ଼ ପ୍ରଯୋଜକ ଦିଲ୍ଲୀପ ସାହୁ ଯୋଗଦେଇଥିଲେ। ବିଜେପି ମୁଖପାତ୍ର ତେଜେଶ୍ୱର ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଜେପି ନେତା ପ୍ରସନ୍ନ ପଣ୍ଡା, ବିଜୟ ନାୟକ, ଚିତ୍ତରଞ୍ଜନ ଚୌଧୁରୀ ଓ ଅଞ୍ଜନ ଦେବତା ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ କୃଷି ଅଧିକାରୀ ଡ. ଗୌତମ ଦାସ, କୃଷି ବିଜ୍ଞାନ କେନ୍ଦ୍ର ବୈଜ୍ଞାନିକ ଡ. ତାପସ ସାହୁ, ଆଇନଜୀବୀ ଓ ସୂଚନା ଅଧିକାର କର୍ମୀ ମନୋରଞ୍ଜନ ଜେନା, ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରତିଷ୍ଠାନର ପ୍ରୋଗ୍ରାମ କୋର୍ଡିନେଟର ପ୍ରଭାତ ମହାନ୍ତି ଯୋଗଦେଇ ଯୁବକଙ୍କୁ କୃଷିକୁ ଲାଭଜନକ ବୃତ୍ତି ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଖ୍ୟାତ ଗାୟିକା ଇରା ମହାନ୍ତିଙ୍କ ଗୀତରେ ଦର୍ଶକ ଝୁମିଥିଲେ।

# ମାଟିଆପଡ଼ା ହାଇସ୍କୁଲ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ, ୧୩।୨(ସମିସ): ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ସମୟରେ ଛାତ୍ରଛାତ୍ରୀ ନିଜର ଦୁର୍ବଳତାକୁ ପରଖି ଶକ୍ତିରେ ପରିଣତ କଲେ ଜୀବନର ସବୁ କ୍ଷେତ୍ରରେ ସଫଳ ହେବା ସହିତ ନିଜ ସ୍ୱପ୍ନ ସାକାର କରିପାରିବେ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ବ୍ଲକ ଦିହୁଡିପୁର ପଞ୍ଚାୟତ ମାଟିଆପଡ଼ା ହାଇସ୍କୁଲର




ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି। ପ୍ରଧାନଶିକ୍ଷକ କବି ମନୋଜ ଶତପଥୀଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ବିଧାୟକ ଶ୍ରୀ ସାହୁ କହିଲେ, ଯେଉଁ ସ୍ୱପ୍ନ ନିଦ ହଜାଇ ଦିଏ, ସେହି ସ୍ୱପ୍ନ ଦେଖିଲେ ଛାତ୍ରଛାତ୍ରୀ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବେ ଓ ଛାତ୍ରଛାତ୍ରୀ ନିଜ ଦୁର୍ବଳତାକୁ ଶକ୍ତିରେ ପରିଣତ କଲେ ଜୀବନ ଯୁଦ୍ଧରେ ବିଜୟୀ ହୋଇପାରିବେ ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଦିହୁଡିପୁର ସରପଞ୍ଚ ନରେଶ ମଲିକ, ପୂର୍ବତନ ସରପଞ୍ଚ ଧନୁର୍ଜୟ ସ୍ୱାଇଁ, ସମାଜସେବୀ ବାଣୀଭୂଷଣ ନାୟକ ଓ ସ୍କୁଲ ପରିଚାଳନା କମିଟି ସଭାପତି ନିର୍ମଳେନ୍ଦୁ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ପୁଷ୍ପଲତା ପ୍ରଧାନ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ମାନସ ସାହୁ ଦାବୀପତ୍ର ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଶୁଭଶ୍ରୀ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବିଦ୍ୟୁତରେଖା ନାୟକ ମାଧୁରୀ ଭୂୟାଁଙ୍କ ସଂଯୋଜନାରେ ସ୍କୁଲ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ସ୍ୱପ୍ନେଶ୍ୱର ଆଚାର୍ଯ୍ୟ ଧନ୍ୟବାଦ ଦେଇଥିବାବେହଳେ ସହକାରୀ ଶିକ୍ଷକ ବିନୋଦ ଦାସ, ଚନ୍ଦ୍ରଭାନୁ ସାହୁ, ତପନ ବେହେରା, ବିଶ୍ୱଜିତ ସାହୁ ଓ ରଞ୍ଜିତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୀଣାପାଣି ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

ଡେରାବିଶ, ୧୩।୨(ସମିସ): ଚାନ୍ଦୋଳସ୍ଥ ବୀଣାପାଣି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବୀର ମନ୍ଦିର ନିକଟସ୍ଥ ଖେଳ ପଡ଼ିଆରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାକୁ ପ୍ରଧାନଶିକ୍ଷକ ଗୋପୀନାଥ ଦାସ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ ଦୌଡ଼, ଡିଆଁ, କବାଡ଼ି, ଖୋଖୋ, ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ପୁରସ୍କାର ବିତରଣୀ ସଭାରେ ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଅକ୍ଷୟ ସ୍ୱାଇଁ ଅଧ୍ୟକ୍ଷତା କରିଥିବାବେଳେ ସିଆରସିସି ପ୍ରମୋଦ ମଲ୍ଲ ମୁଖ୍ୟଅତିଥି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ା ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳା, ଅଧ୍ୟବସାୟ ଓ ପ୍ରତିଯୋଗୀ ମନୋଭାବ ଜାଗ୍ରତ କରାଯାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ଶ୍ରୀ ଦାସ, ପୂର୍ବତନ ସିଆରସିସି ଶରତ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସନ୍ତୋଷୀ ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭଭାଷଣ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବାବେଳେ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ରଶ୍ମିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷୟିତ୍ରୀ ଝରଣା ମଲିକ, ସସ୍ମିତା ସେଠୀ, ଦେବସ୍ମିତା ନାୟକ ଓ ଅନନ୍ଦିତ ମହାନ୍ତି ପରିଚାଳନା କରିଥିଲେ।

# କୃଷ୍ଣବଳରାମ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ମାଟିଆ ଚାମ୍ପିଅନ୍



ପଟ୍ଟାମୁଣ୍ଡାଇ, ୧୩।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ନୂଆଗାଁ କାକୁଡିପଲ୍ଲୀ କୃଷ୍ଣବଳରାମ କ୍ଲବ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ପୌରାଞ୍ଚଳର ୧୬ଟି ୱାର୍ଡରୁ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ ନୂଆଗାଁ କାକୁଡିପଲ୍ଲୀ ୯ ନଂ ୱାର୍ଡ କ୍ରିକେଟ ଦଳ ଓ ୧୭ ନଂ ୱାର୍ଡ ମାଟିଆ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାଟିଆ ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି। କୃଷ୍ଣବଳରାମ କ୍ରିକେଟ କ୍ଲବ ସଭାପତି ଦିଲ୍ଲୀପ ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଓ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଟ୍ରଫି ଓ କପ୍ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ ଚିତ୍ତରଞ୍ଜନ ସେଠୀ, ଦିଲ୍ଲୀପ ସେଠୀ, ମଙ୍ଗୁଳି ସେଠୀ, ଚିଣ୍ଟୁ ଦାସ ଓ ମଣ୍ଟୁ ସେଠୀ ପରିଚାଳନା କରିଥିଲେ।

### ● 'ସକାଳ' ପ୍ରଭାବ

## ବନ ବିଭାଗ ଅଧିକାରୀଙ୍କ ବିରୋଧରେ ତଦନ୍ତ ଆରମ୍ଭ



ପଞ୍ଚୁପାଣ୍ଡବ, ୧୩।୨(ସମିସ): ଡେରାବିଶ ବ୍ଲକ ବନ ବିଭାଗ ଅଧୀନ ରଘୁଦେଇପୁର ବନାଞ୍ଚଳ ଅଧିକାରୀ ସୁକାନ୍ତ ବେହେରା ମାସ ମାସ ଧରି କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ କିଛିଦିନ ପୂର୍ବେ 'ସକାଳ' ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାକୁ ଗୁରୁତର ସହ ଗ୍ରହଣ କରି କଟକ ବନଖଣ୍ଡ ଅଧିକାରୀ ଅନୀଲ ରାୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶାନୁଯାୟୀ ଏସିଏଫ୍ ସନ୍ତୋଷ ପତି ତଦନ୍ତ କରିଛନ୍ତି। ତଦନ୍ତ ସମୟରେ କେତେକ ଅଭିଯୋଗକାରୀ ଉପସ୍ଥିତ ରହି ଅଧିକାରୀ ଶ୍ରୀ ବେହେରା ମନମୁଖୀ କାର୍ଯ୍ୟ କରୁଥିବା ଜଣାଇଥିଲେ। ତଦନ୍ତକାରୀ ଅଧିକାରୀ ସୁକାନ୍ତ ବେହେରାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ବିଷୟରେ କିଛି ତଥ୍ୟ ଜାଣିବାକୁ ପାଇଥିଲେ। ଏହାର ତଦନ୍ତ କରାଯାଇ କଟକ ବନଖଣ୍ଡ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଅଧିକାରୀ ଶ୍ରୀ ପତି କହିଛନ୍ତି। ବନ ବିଭାଗ ଅଧିକାରୀ ସୁକାନ୍ତ ବେହେରା ଏବେ ନିୟମାନୁଯାୟୀ କାର୍ଯ୍ୟାଳୟରେ ରହିବେ ଓ ଅଭିଯୋଗକାରୀଙ୍କ ଫୋନ କଲ୍ କଲେ ଫୋନ ଉଠାଇବେ। ନଚେତ୍ କଲ୍ ବ୍ୟାକ୍ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ବୃଦ୍ଧ ନିଖୋଜ



ପଞ୍ଚୁପାଣ୍ଡବ, ୧୩।୨(ସମିସ): ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ରାଇତୁଣ୍ଡି ଗ୍ରାମର ଅଭିରାମ ଦଳାଇ( ୭୬) ନିଖୋଜ ଥିବା ନେଇ ନିକିରାଇ ଥାନାରେ ଅଭିଯୋଗ ହୋଇଛି। ଅଭିରାମ ୧୦ ତାରିଖ ଦିନ ୪ଟା ବେଳେ କେନାଲ ବନ୍ଧକୁ ଶୌଚ ହେବାକୁ ଯାଇଥିଲେ। ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରି ନ ପାଇବାରୁ ସ୍ତ୍ରୀ ରବିଲତା ଦଳାଇ ନିକିରାଇ ଥାନାରେ ଅଭିଯୋଗ କରିଛନ୍ତି।

## ଚୋରାମଦ ଜବତ, ଜଣେ ଗିରଫ



ମହାକାଳପଡ଼ା, ୧୩।୨(ସମିସ): ମହାକାଳପଡ଼ା ଥାନା ପକ୍ଷରୁ ସନ୍ଧ୍ୟା ପାଟ୍ରୋଲିଂ ଓ ଅବକାରୀ ଚଢ଼ଉ ସମୟରେ ମଦ ବିକ୍ରି କରୁଥିବା ଜଣେ ବ୍ୟକ୍ତିଙ୍କୁ ଧରିବା ସହ ୪୫ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଏସଆଇ ପ୍ରଭାତ ରାଉତ, ହାବିଲଦାର ଏନ୍.ଆର୍ ନାୟକ, କନଷ୍ଟେବଳ ଏସ୍.କେ. ସ୍ୱାଇଁ ଓ ଡବ୍ଲ୍ୟୁସି ଏସ୍.ଆର୍. ଦାସ ବିଲିପଦା, ଓଳିହା, କୁମାରୁଣି, ଓରତ ଓ ଦେଉଳପଡ଼ା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଓରତ ଗ୍ରାମର୍ ଅନନ୍ତ ମଲ୍ଲିକ ଦୋକାନରେ ମଦ ବିକ୍ରି କରୁଥିବା ଖବର ପାଇ ଚଢଉ କରି ମଦ ଜବଦ କରିବା ସହ ତାଙ୍କୁ ଗିରଫ କରିଥିଲେ।

### ● ଜିଲ୍ଲାସ୍ତରୀୟ ପୁଲିସ, ମାଜିଷ୍ଟ୍ରେଟ ବୈଠକ

## ସମନ୍ୱୟ ରଖି କାମ କରିବାକୁ ଜିଲ୍ଲାପାଳଙ୍କ ନିବେଦନ



ରାଜନଗର, ୧୩।୨(ସମିସ): ରାଜନଗର ବ୍ଲକ ପେଣ୍ଠ ସମୁଦ୍ରକୂଳରେ ଇକୋ ରିଟ୍ରିଟରେ କେନ୍ଦ୍ରାପଡ଼ା ଜିଲ୍ଲା ପୁଲିସ, ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆର. ରଘୁରାମ ଆୟାରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ ନାୟକ, ଅତିରିକ୍ତ ଏସପି ସୁଧାକର ସାହୁଙ୍କ ସହିତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ସମସ୍ତ ଥାନା ଆଇଆଇସି ଯୋଗ ଦେଇଥିଲେ। ପ୍ରଥମଥର ବୈଠକକୁ ବନ ବିଭାଗର ରେଞ୍ଜ ଅଫିସର ଓ ଏସିଏଫଙ୍କୁ ଡକାଯାଇଥିଲା। ଉକ୍ତ ବୈଠକରେ ପୁଲିସ ମାଜିଷ୍ଟ୍ରେଟ ଜଏଣ୍ଟ ରିପୋର୍ଟ, ଜନଶୁଣାଣିରେ ପଡ଼ିରହିଥିବା ଅଭିଯୋଗର ସମୀକ୍ଷା କରାଯାଇଥିଲା। ପୁଲିସ ପ୍ରଶାସନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରଯାଇଥିଲା। ବ୍ଲକ ସ୍ତରରେ କାମ କରୁଥିବା ଅଧିକାରୀ ନିଜ ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ଜିଲ୍ଲାପାଳ ନିବେଦନ କରିଥିଲେ।

### ନୂଆଗାଁ ଅଙ୍ଗନବାଡ଼ି ଘଟଣା

# ଜିଲ୍ଲା କଂଗ୍ରେସ ପ୍ରତିନିଧି ଦଳର ଗ୍ରାମବାସୀଙ୍କ ସହ ଆଲୋଚନା

ରାଜନଗର, ୧୩।୨(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ଘଡିଆମାଳ ପଞ୍ଚାୟତର ନୂଆଗାଁ ଅଙ୍ଗନବାଡ଼ି କେନ୍ଦ୍ରରେ ଛୁଆଁ ଅଛୁଆଁ ଭେଦଭାବ ପ୍ରସଙ୍ଗ ଓଡ଼ିଶାରେ ସୀମିତ ନାହିଁ। ଜାତୀୟ ସ୍ତରରେ ଏ ନେଇ ଚର୍ଚ୍ଚା ଓ ଉଦବେଗ ପ୍ରକାଶ ପାଇଛି। ଗତକାଲି ରାଜ୍ୟସଭାରେ କଂଗ୍ରେସ ଅଧ୍ୟକ୍ଷ ତଥା ରାଜ୍ୟସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେ ଏକବିଂଶ ଶତାବ୍ଦୀରେ ଏଭଳି ଜାତିଗତ ବୈଷମ୍ୟକୁ ନେଇ ଉଦବେଗ ପ୍ରକାଶ କରିବା ସହ କେନ୍ଦ୍ର ସରକାର ମାମଲାକୁ ଗମ୍ଭୀରତାର ସହ ନେଇ ତୁରନ୍ତ ତଦନ୍ତ କରିବାକୁ ଦାବି କରିଥିଲେ। ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠିବା ପରେ ଆଜି ଜିଲ୍ଲା କଂଗ୍ରେସ ସଭାପତି ଦେବସ୍ମିତା



ଶର୍ମାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ନୂଆଗାଁରେ ପହଞ୍ଚି ଗ୍ରାମବାସୀ ଓ ସହାୟିକାଙ୍କ ସହ ଆଲୋଚନା କରିଛନ୍ତି। ଘଟଣାର ସମାଧାନ ପାଇଁ ଗାଁ ଲୋକଙ୍କୁ ବୁଝାଇବା ସହ ଗାଁରେ ଭାଇଚାରା ଫେରାଇ ଆଣିବାକୁ ଲୋକଙ୍କୁ ନିବେଦନ କରିଥିଲେ। ସହାୟିକା ଶର୍ମିଷ୍ଠା ସେଠୀଙ୍କ ସହିତ ଘଟଣା ସମ୍ପର୍କରେ କଥା ହୋଇ ତାଙ୍କ ସମ୍ପର୍କରେ କଂଗ୍ରେସ ଅଧ୍ୟକ୍ଷ ରାଜ୍ୟସଭାରେ ଉଠାଇଥିବା କହିଥିଲେ।

ଜିଲ୍ଲା କଂଗ୍ରେସ ସଭାପତିଙ୍କ ସହିତ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରଶାନ୍ତ ରାଉତ, ଜିଲ୍ଲା କଂଗ୍ରେସ କମିଟି ସମ୍ପାଦକ ଦାମୋଦର ବିଶ୍ୱାଳ, ନାଗେଶ୍ୱର ସାହୁ, ଯୁବନେତା ସୁଶୀଲ ବାରିକ, ନିରଞ୍ଜନ ବାରିକ, ରମାକାନ୍ତ ଜେନା, ପ୍ରଭାତ ସାମନ୍ତରାୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଘଟଣା ଆରମ୍ଭରୁ ପ୍ରଶାସନ ସମାଧାନ ପାଇଁ କାହିଁକି ପଦକ୍ଷେପ ନେଇ ନ ଥିଲା। ଜିଲ୍ଲାସ୍ତରୀୟ

**ସହାୟିକାଙ୍କ ପରିବାର ଓ ଲୋକଙ୍କୁ ଭେଟିଲେ ଦଳିତ ନେତା**

କୌଣସି ଅଧିକାରୀ କାହିଁକି ସମାଧାନ ପାଇଁ ଉଦ୍ୟମ କରି ନ ଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଓ ଘଟଣାର ୩ ମାସ ପରେ ଜିଲ୍ଲା ପ୍ରଶାସନ ଗାଁରେ ପହଞ୍ଚିଛି ବୋଲି କହିବା ସହିତ ପ୍ରଶାସନର ଖାମଖିଆଲି ପାଇଁ ଘଟଣା ଏତେ ବାଟ ଗଲା ବୋଲି କହିଛନ୍ତି।

ସେହିପରି ଆଜି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ପକ୍ଷରୁ ଏକ ପ୍ରତିନିଧି ଦଳ ନୂଆଗାଁରେ ପହଞ୍ଚି ସହାୟିକାଙ୍କ ପରିବାର ଓ ସହାୟିକାଙ୍କୁ ଭେଟି ଆଲୋଚନା କରିଛନ୍ତି। ଗ୍ରାମବାସୀଙ୍କୁ ମଧ୍ୟ ଭେଟିଛନ୍ତି। ଆମ୍ବେଦକର ଲୋହିଆ ବିଚାର ମଞ୍ଚର ଜିଲ୍ଲା ମହିଳା ସଭାନେତ୍ରୀ ପ୍ରମିଳା ସେଠୀ, ବ୍ଲକ ସମ୍ପାଦକ ବାମନ ଜେନା, ରାଜକିଶୋର ମୁଦୁଲି, ଆମ୍ବେଦକର ମହିଳା ବିକାଶ ଟ୍ରଷ୍ଟ ସଭାନେତ୍ରୀ ସୀତା ସେଠୀ ଆଲୋଚନା କରିଥିଲେ। ସହାୟିକା ପରିବାରକୁ ନ୍ୟାୟ ସହିତ ଜାତିଗତ ବିଭେଦ ସୃଷ୍ଟି କରୁଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଯୋଗାଣ ମନ୍ତ୍ରୀଙ୍କ ଗଡ଼ରେ ବିଜେଡିର ଗର୍ଜନ

## ଚାଷୀମାରଣ ନୀତି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ବିକ୍ଷୋଭ

ଢେଙ୍କାନାଳ,୧୩।୨(ସମିସ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଗଡ଼ ଢେଙ୍କାନାଳ ସହରରେ ଶୁକ୍ରବାର ବିଜେଡି ଗର୍ଜନ କରିଛି। ରାଜ୍ୟ ସରକାରଙ୍କ ଚାଷୀମାରଣ ନିତୀ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରସ୍ଥିତି ଏବଂ ମିଥ୍ୟା ପ୍ରତିଶ୍ରୁତି ପ୍ରତିବାଦରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଜ୍ୟପାଳଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଜିଲ୍ଲାରେ ଦଳ ପକ୍ଷରୁ ପ୍ରତିବାଦ ସଭା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ତତ୍ତ୍ୱାବଧାନ ଏବଂ ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହ ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀ ସମାବେଶ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ପୂର୍ବାହ୍ନ ୧୦ଟାରେ ହଜାର ହଜାର ବିଜେଡି କର୍ମୀ ଓ ଚାଷୀ ବିଶାଳ ଶୋଭାଯାତ୍ରାରେ ବାଜିଚୌକ ନିକଟରୁ ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ




ଜିଲ୍ଲା ସଭାପତି ଡ. ସାହୁ କହିଲେ, ବିଜେପି ସରକାର ରାଜ୍ୟ ଶାସନ ଭାର ଗ୍ରହଣ କରିବା ପରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି। ମଣ୍ଡିରେ କଟନୀ ଛଟନୀ କରି ଧାନକିଣାରେ ବ୍ୟାପକ ଅନିୟମିତତା କରାଯାଉଛି। ଶିଶୁ ସୁରକ୍ଷାରେ ସରକାର ବିଫଳ ହୋଇଥିବା ବେଳେ ଦରଦାମର ବୃଦ୍ଧିରେ ଲୋକେ ଅତିଷ୍ଠ ହୋଇପଡ଼ିଲେଣି। ଏ ସରକାର ରଙ୍ଗ ବଦଳାଇ ଓ ଯୋଜନାର ନାମ ପରିବର୍ତ୍ତନ କରି ବହାବା ନେଉଛି। ଆଗାମୀ ଦିନରେ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଥିଲେ। ପୂର୍ବତନ ବିଧାୟକ ସାମଲ ତାଙ୍କ ବକ୍ତବ୍ୟରେ ଏ ସରକାର ନିଜ ପ୍ରତିଶ୍ରୁତି ଖିଲାପ କରି ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି କହିଥିଲେ। ଲୋଚାପଲି ଗ୍ରାମରେ ହାତୀ ଆକ୍ରମଣରେ ୩ ମହିଳାଙ୍କ ମୃତ୍ୟୁ ଓ ୬ ଜଣ ଗୁରୁତର ହୋଇଥିବା ବେଳେ ତୁରନ୍ତ ମୃତାହତଙ୍କୁ କ୍ଷତିପୂରଣ ଓ ଚିକିତ୍ସା ଯୋଗଇଦେବାକୁ କହିଥିଲେ। ପୂର୍ବତନ ସାଂସଦ ମହେଶ ସାହୁ, ଜଗତସିଂପୁର ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ ପ୍ରମୁଖ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ନରୋତ୍ତମ ସାହୁ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସତ୍ୟଜିତ ପଟ୍ଟନାୟକ, ସଞ୍ଜୀବ ପୃଷ୍ଟି, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ଅନିଶ ରଥ, ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ଜିଲ୍ଲା ସାଧରଣ ସମ୍ପାଦକ ଶୁଭପ୍ରସାଦ ପଣ୍ଡା, ପୂର୍ବତନ ମହିଳା ସଭାପତି ସାଗରିକା ମିଶ୍ର, ଉର୍ବଶୀ ମହାପାତ୍ର, ପୂର୍ବତନ ନଗର ସଭାପତି ବିନୋଦ କୁମର ମହାନ୍ତି, ପୂର୍ବତନ ଛାତ୍ର ବିଜେଡି ସଭାପତି ସୂରଜ ମହାପାତ୍ର, ଛାତ୍ର ବିଜେଡି ସଭାପତି ଆରିୟନ ଦାସ, ଜିଲ୍ଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର, ଅଜୟ କୁମାର ଭଞ୍ଜ, ତିଲୋତ୍ତମା ଚୌଧୁରୀ, ସସ୍ମିତା ମହାନ୍ତି, ଜିଲ୍ଲା ଆଇନ ସେଲ ସଭାପତି ତଥା ଓକିଲ ସଂଘ ସଭାପତି ଗୋପାଳ ଚନ୍ଦ୍ର ପାତ୍ର, ବରିଷ୍ଠ ନେତା ସୁକାନ୍ତ ମିଶ୍ରଙ୍କ ସମେତ ବହୁ ସଖ୍ୟାରେ ଦଳୀୟ ନେତା ଓ କର୍ମୀ ଯୋଗଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ହିନ୍ଦୋଳ/ଖଜୁରିଆକଟା,୧୩।୨(ସମିସ): ଢେଙ୍କନାଳ ଜିଲ୍ଲା ଖଜୁରିଆକଟା ନିକଟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ପ୍ରଧାନ ଆଚାର୍ଯ୍ୟା ଲକ୍ଷ୍ମୀପ୍ରିୟା ସାହୁଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସକ ଡା. ଦୀନେଶ କୁମାର ସାମଲ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟ ସ୍ତରରୁ ଶିଶୁମାନଙ୍କୁ ନୈତିକ ଶିକ୍ଷା ପ୍ରଦାନର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ମୁଖ୍ୟବକ୍ତା ରୂପେ ବାଲିମି ଉପ ଡାକଘର ଅଧିକାରୀ ପ୍ରିୟବ୍ରତ ସେଠୀ ଯୋଗଦେଇ ସମାଜ ଓ ଜାତିର ବିକାଶ ପାଇଁ ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରିବା ଏକାନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିପିନ ବିହାରୀ ସାମଲ, ରଞ୍ଜାଗୋଳ ସରପଞ୍ଚ ରମେଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଉଲ୍ଲେଖନୀୟ ସେବା ନିମନ୍ତେ ଖଜୁରିଆକଟା ବଜାରର ବରିଷ୍ଠ ନାଗରିକ ଡା. ଚୈତନ୍ୟ ଚରଣ ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋମଳମତି ଶିଶୁମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୁରୁଜୀ ବାସୁଦେବ ସାହୁ, ଗୁରୁମା ସୁଶାନ୍ତୀ ମହାପାତ୍ର, ସୁନୀତା ବିଶ୍ୱାଳ, ସ୍ୱାଗତିକା ବିଶ୍ୱାଳ, ଆୟଶା ମିଶ୍ର, ଲିପିଲତା ସାହୁ, ସଚାଳି ସାମଲ, ରତନୀ ସାହୁ, ସୁଲୋଚନା ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦୁପତ୍ର ମଜଦୁର ସଂଘର ବୈଠକ



କଙ୍କଡ଼ାହାଡ଼,୧୩।୨(ସମିସ): କେନ୍ଦୁଝରର ବନାଞ୍ଚଳ ଡିଭିଜନ ଅନ୍ତର୍ଗତ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ରେଞ୍ଜ ମହାବିରୋଡ ପଞ୍ଚାୟତ ଚଟକାପଶି ଶିଶୁ ବିଦ୍ୟା ମନ୍ଦିର ନିକଟ ଆମ୍ବତୋଟାରେ ଗୁରୁବାର ନିଖିଳ ଓଡ଼ିଶା କେନ୍ଦୁପତ୍ର ମଜଦୁର ସଂଘର ବୈଠକ ଅନୁଷ୍ଠିତ ହୋଇଛି। ସଂଘ ସଭାପତି ବିନୟ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଭାପତି ଅନିଲ କୁମାର ଭୂତିଆ ମୁଖ୍ୟଅତିଥି ଓ ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କର୍ମଚାରୀଙ୍କ ଦରମା ବୃଦ୍ଧି, ଚିକିତ୍ସା କ୍ଷେତ୍ରରେ ସୁବିଧା ଯୋଗାଇଦେବା, ଛୁଟି ମଞ୍ଜୁର, କାର୍ଯ୍ୟକ୍ଷେତ୍ରରେ ସମୟସୀମା ବୃଦ୍ଧି, ମୃତ୍ୟୁକାଳୀନ, ଶିକ୍ଷା, ବିବାହ କ୍ଷେତ୍ରରେ ସହାୟତା, ଗ୍ରାଚୁଇଟ ୬ ମାସ ମଧ୍ୟରେ ପ୍ରଦାନ ପ୍ରଭୃତି ଦାବି ଉପରେ ଆଲୋଚନା ହୋଇଥିଲା। ଦାବିଗୁଡ଼ିକ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ମନ୍ତ୍ରୀ, ଶ୍ରମମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ରାଜ୍ୟ ସଭାପତି ପ୍ରତିଶ୍ରୁତି ଦେଇଥିଲେ। ରାଜ୍ୟ ସଭାପତିଙ୍କ ଅନୁମୋଦନ କ୍ରମେ ନୂତନ କମିଟି ଗଠନ କରାଯାଇଛି। ସର୍ବସମ୍ମତି କ୍ରମେ ସୁଶାନ୍ତ କୁମାର ନାୟକ ସଭାପତି, ନିରୋଦ କୁମାର ନାୟକ ଉପସଭାପତି, ଦେବାନନ୍ଦ ସାହୁ ସମ୍ପାଦକ, ଅରୁଣ କୁମାର ଦାସ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସଭ୍ୟ ଭାବେ ବିନୟ କୁମାର ସିଂହ, ଦିଲୀପ କୁମାର ମହାନ୍ତ, ବାସୁଦେବ ସାହୁ, ତାପସ କୁମାର ସାହୁ, କୁନା ବେହେରା, ଈଶ୍ୱର ଚନ୍ଦ୍ର ନାଏକ, ବସନ୍ତ କୁମାର ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। ଶେଷରେ ମହାବିରୋଡ ରେଞ୍ଜର ତଥା ନବନିର୍ବାଚିତ ସଭାପତି ସୁଶାନ୍ତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମକୃଷ୍ଣ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



କଙ୍କଡ଼ାହାଡ଼,୧୩।୨(ସମିସ): କଙ୍କଡ଼ାହାଡ଼ ବ୍ଲକ ଚାନ୍ଦପୁର ପଞ୍ଚାୟତ ରାମକୃଷ୍ଣ ଶିଶୁ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚୈତନ୍ୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା, ମୁଖ୍ୟବକ୍ତା ଭାବେ ସ୍ୱାମୀ ପରମାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ଚାନ୍ଦପୁର ସରପଞ୍ଚ ସବିତା ସାହୁ, ଦଶିପୁର ସରପଞ୍ଚ ସୁଧୀର ପାଲ, ଚାନ୍ଦପୁର ସମିତି ସଭ୍ୟ ରାଜକିଶୋର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ବେହେରା, ମହାବିରୋଡ ବିଜେପି ମଣ୍ଡଳ ସଭାପତି ଜିତେନ୍ଦ୍ର କର, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ରୀତା ସାହୁ ବାର୍ଷିକ ବିବରଣୀ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ବାଉରୀବନ୍ଧୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ଥର ଜିଲ୍ଲା ବିଜେଡି ଯୁବ ସଭାପତି ହେଲେ ଧର୍ମାନନ୍ଦ

କାମାକ୍ଷାନଗର,୧୩।୨(ସମିସ): କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ତଥା ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି



ନବୀନ ପଟ୍ଟନାୟକଙ୍କ ଅସ୍ଥାଭାଜନ ହୋଇ ଲଗାତର ତୃତୀୟ ଥର ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ଭାବେ ମନୋନୀତ ହୋଇଛନ୍ତି। ଧର୍ମାନନ୍ଦ ୨୦୦୦ ମସିହାରେ ଛାତ୍ରସଂସଦ ନିର୍ବାଚନରେ କାମାକ୍ଷାନଗର ମହାବିଦ୍ୟାଳୟରୁ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ସଭାପତି ନିର୍ବାଚିତ ହୋଇ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପରେ ସେ ବିଜେଡି ପାଇଁ ନିରନ୍ତର କାର୍ଯ୍ୟକରି ଦଳରେ ସ୍ୱତନ୍ତ୍ର ସ୍ଥାନ ପାଇଥିଲେ। ୨୦୧୩ରେ ବିଜେଡି ଟିକେଟରୁ ନିର୍ବାଚନ ଲଢ଼ି କାମାକ୍ଷାନଗର ଏନ୍‌ଏସିର କାଉନସିଲର ହେବା ପରେ ଅଧ୍ୟକ୍ଷ ହୋଇଥିଲେ। ଅଧ୍ୟକ୍ଷ ଥିବା ସମୟରେ ଅନେକ ଜନହିତକର କାର୍ଯ୍ୟକରି ଲୋକଙ୍କ ପ୍ରିୟଭାଜନ ହୋଇଥିଲେ। ୨୦୨୨ ଏନଏସି ନିର୍ବାଚନରେ ସେ ଦ୍ୱିତୀୟ ଥର ବିଜେଡି ଟିକେଟରେ ନିର୍ବାଚନ ଲଢ଼ି ବିରୋଧୀଙ୍କୁ ଏକତରଫା ପରାସ୍ତ କରି ୬ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇ ପୁନର୍ବାର ଅଧ୍ୟକ୍ଷ ହୋଇଥିଲେ। ଧର୍ମାନନ୍ଦ ଜିଲ୍ଲା ବିଜେଡି ଯୁବ ସଭାପତି ହେବାପରେ ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟ ବିଜୁ ଯୁବଜନତା ଦଳ ସଭାପତି ଚିନ୍ମୟ ସାହୁ, ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁ, ପୂର୍ବତନ ସାଂସଦ ମହେଶ ସାହୁ, ଦଳୀୟ ନେତା ଅବିନାଶ ସାମଲ, ପୂର୍ବତନ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦିପ ଷଡ଼ଙ୍ଗୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପଙ୍କୋଦ୍ଧାର ଏକାଦଶୀ ପାଳିତ





ଢେଙ୍କାନାଳ,୧୩।୨(ସମିସ): କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ଶୁକ୍ରବାର ପଙ୍କୋଦ୍ଧାର ଏକାଦଶୀ ନୀତି ପାଳନ କରାଯାଇଛି। ପ୍ରାତଃ ସମୟରୁ ମଙ୍ଗଳ ଆଳତି ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବଲ୍ଲଭ ଭୋଗ ଲାଗି କରାଯାଇଥିଲା। ସକାଳ ୧୦ଟାରେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅନ୍ନଧୂପ, ସନ୍ଧ୍ୟାରେ ଆଳତି ରାତ୍ରଧୂପ ପରେ ଏକାଦଶୀ ବେଢ଼ା ମହାଦୀପ ମନ୍ଦିର ଉପରକୁ ଉଠିଥିଲା। ପୂଜକ ମନସୁମନ ମିଶ୍ର, ଶ୍ରୀବସ୍ତ ମିଶ୍ର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତିରେ ନୀତି ପାଳିତ ହୋଇଥଲା। ସେହିପରି ଗାନ୍ଧୀ ମନ୍ଦିର ରୋଡ୍‌ସ୍ଥିତ ମା' ତାରିଣୀଙ୍କ ପୀଠ ଓ ମହାବୀର ବଜାରସ୍ଥିତ ହନୁମାନ ମନ୍ଦିରରେ ପଙ୍କ ଉଦ୍ଧାର ଏକାଦଶୀ ନୀତି ପାଳନ କରାଯାଇଛି।

## ମହିଷିଆକଡ଼ା ସେବାଶ୍ରମର ବାର୍ଷିକ ଉତ୍ସବ



ଗଁଦିଆ,୧୩।୨(ସମିସ): ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଗଁଦିଆ ବ୍ଲକ ମହିଷିଆକଡ଼ା ସେବାଶ୍ରମର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଶଙ୍କର୍ଷଣ ବେହେରାଙ୍କ ତତ୍ତ୍ୱାବଧାନ ଓ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ମଠତେନ୍ତୁଳିଆ ସରପଞ୍ଚ ମାନଭଞ୍ଜନ ମହାନ୍ତି ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋରିଶିଆପଦା ସରପଞ୍ଚ ପ୍ରଦୀପ କୁମାର ରାଉତ, ମୁଖ୍ୟବକ୍ତା ଭାବେ ପ୍ରକୃତିବନ୍ଧୁ ହରିହର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନେ ସକାରାତ୍ମକ ସ୍ୱପ୍ନ ଦେଖି ମଣିଷ ପରି ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଦୟାନିଧି ଖଟୁଆ, ପ୍ରାକ୍ତନ ଶିକ୍ଷକ ସୁଲଭ ଚନ୍ଦ୍ର ବାରିକ, ଧନିଆନାଳୀ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାମଚନ୍ଦ୍ର ପୃଷ୍ଟି, ସମାଜସେବୀ ପ୍ରକାଶ ଚନ୍ଦ୍ର ସାହୁ, ଶିକ୍ଷକ ବୁଦ୍ଧିମନ୍ତ ଖଟୁଆ ଯୋଗଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ନାଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନୂତନ ଗଁଦିଆ ଏନଏସିରେ ୧୫ ୱାର୍ଡ

ଗଁଦିଆ,୧୩।୨(ସମିସ): ନୂତନ ଗଁଦିଆ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି)ର ୱାଡ଼ ବିଭକ୍ତ ଏବଂ ସଂରକ୍ଷିତ ଆସନ ପାଇଁ ଗୁରୁବାର ଢେଙ୍କାନାଳ ଜିଲ୍ଲାପାଳ ଚିଠା ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ପ୍ରକାଶନଠାରୁ ୧୦ଦିନ ମଧ୍ୟରେ ଲୋକେ ଅଭିଯୋଗ ବା ପ୍ରତିବାଦ ଦାଖଲ କରିପାରିବେ ବୋଲି କୁହାଯାଇଛି। ଏହି ଚିଠା ଅନୁସାରେ ଏନଏସି ପାଇଁ ୧୫ଟି ୱାର୍ଡ ସ୍ଥିର କରାଯାଇଛି। ପୋରୁହଖୋଜ ପଞ୍ଚାୟତ କିଣାବନ୍ଧ ସାହି ଏବଂ ଦେହୁରୀ ସାହିକୁ ମିଶାଇ ୧ ନମ୍ବର ୱାର୍ଡ କରାଯାଇଛି। ଏହି ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ପୋରୁହଖୋଜ ପଞ୍ଚାୟତ ପୋରୁହଖୋଜ ଏବଂ ବିଧାରପୁର ପଞ୍ଚାୟତ ସାପୁଆଝରେ ନୂଆସାହିକୁ ନେଇ ଦୁଇ ନମ୍ବର ୱାର୍ଡ (ଅଣସଂରକ୍ଷିତ), ପୋରୁହଖୋଜ ପଞ୍ଚାୟତ ସାନ୍ଧାପଶି ଏବଂ ସାପୁଆଝରେ ପୁରୁଣାସାହିକୁ ନେଇ ୩ ନମ୍ବର ୱାର୍ଡ (ଅନୁସୂଚିତ ଜନଜାତି ମହିଳା), ପୋରୁହଖୋଜ ପଞ୍ଚାୟତ ସାନ୍ଧାପଶି ପାଟଣା ପୁରୁଣା ସାହିକୁ ନେଇ ୪ ନମ୍ବର ୱାର୍ଡ (ମହିଳା), ପୋରୁହଖୋଜ ପଞ୍ଚାୟତ ହାଡିସାହି, ନୂଆସାହି ଏବଂ ବାଣିପଡ଼ା କୋପସାହିକୁ ନେଇ ୫ ନମ୍ବର ୱାର୍ଡ (ଅଣସଂରକ୍ଷିତ), ବଣିଆପଡ଼ା ମନ୍ଦିର ସାହି, ମଝିସାହି ଏବଂ ଶବରସାହିକୁ ନେଇ ୬ ନମ୍ବର ୱାର୍ଡ (ମହିଳା), ବଣିଆପଡ଼ା ନୂଆସାହି, ଭୋଇସାହି ସାହି ଏବଂ କଲୋଣି ସାହିକୁ ନେଇ ୭ ନମ୍ବର ୱାର୍ଡ (ଅଣସଂରକ୍ଷିତ), ଦଣ୍ଡେଇବେରିଣୀ ଓ ଛାଟଖୁମ୍ବକୁ ନେଇ ୮ ନମ୍ବର ୱାର୍ଡ (ଅନୁସୂଚିତ ଜନଜାତି), ଗଁଦିଆ ପଞ୍ଚାୟତ, ଗଁଦିଆ, ଦେହୁରୀ ସାହି, ଭୂତିଆ ସାହି, ଶୁଣ୍ଡି ସାହିକୁ ନେଇ ୯ ନମ୍ବର ୱାର୍ଡ (ମହିଳା), ଗଁଦିଆ ପଞ୍ଚାୟତ ଗଉଡ଼ସାହି, ବାରିକ ସାହି, ଧୋବାସାହି ଓ ବଢ଼େଇସାହିକୁ ନେଇ ୧୦ ନମ୍ବର ୱାର୍ଡ (ଅଣସଂରକ୍ଷିତ), ଗଁଦିଆ ପଞ୍ଚାୟତ ଗଁଦିଆ ନୂଆସାହି, କେନାଲ ସାହି ଓ ହରିଜନ ସାହିକୁ ନେଇ ୧୧ନଂ ୱାର୍ଡ (ଅନୁସୂଚିତ ଜାତି ମହିଳା), ଗଁଦିଆ ପଞ୍ଚାୟତ ଶ୍ରୀରାମଚନ୍ଦ୍ରପୁର, ବରପଦାକୁ ନେଇ ୧୨ନଂ ୱାର୍ଡ (ଅନୁସୂଚିତ ଜନଜାତି ମହିଳା), ମଠତେନ୍ତୁଳି ପଞ୍ଚାୟତ ଇଲେଇଜଙ୍ଗ ଗ୍ରାମକୁ ନେଇ ୧୩ନଂ ୱାର୍ଡ (ଅଣସଂରକ୍ଷିତ), ଗଁଦିଆ ପଞ୍ଚାୟତ ଅଙ୍କୁଦା, ନିଧିଆ ମହାନ୍ତି ଓ ସାରଙ୍ଗ ଧଳ ଘର ପର୍ଯ୍ୟନ୍ତ ଅଞ୍ଚଳକୁ ନେଇ ୧୪ନଂ ୱାର୍ଡ (ମହିଳା) ଓ ଆଙ୍କୁଦା ଛବି ସ୍ୱାଇଁ ଓ ମିଟିକା ସ୍ୱାଇଁ ଘର ପର୍ଯ୍ୟନ୍ତ ୧୫ନଂ ୱାର୍ଡ (ଅଣସଂରକ୍ଷିତ) ରହିଛି। ଆଗାମୀ ଦିନରେ ପୂର୍ଣ୍ଣାଙ୍ଗ ରୂପରେଖ ପ୍ରକାଶିତ ହେଲା ପରେ ରାଜନୈତିକ ଦଳ ମଧ୍ୟରେ ନିର୍ବାଚନୀ ଉଷ୍ମତା ଆହୁରି ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।

## ୪୫ ଲକ୍ଷର ପ୍ରକଳ୍ପ ୪୫ ଦିନରେ ବିପର୍ଯ୍ୟସ୍ତ

- କାଡ଼ା ନାଳ ଖୋଲିବାରେ ବିଳମ୍ବ
- ଫସଲ ପ୍ରଭାବିତ, ଚାଷୀ ହନ୍ତସନ୍ତ

ଭୁବନ,୧୩।୨(ସମିସ)

ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅଞ୍ଚଳରେ ମୁଖ୍ୟ କେନାଲରୁ କାଡ଼ା ନାଳ ଖୋଲା ନ ଯିବାରୁ ଚାଷକାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ଖରିଫ୍ ଓ ରବି ଫସଲ ପାଇଁ ପାଣି ଅଭାବ ହେଉଥିବା ଚାଷୀ ଅଭିଯୋଗ କରିଆସୁଛନ୍ତି। ପାଣି ଅଭାବରୁ ଖରିଫ୍ ଧାନ ଫସଲ ନଷ୍ଟ ହେଉଥିବା ବେଳେ କିଛି ଅଞ୍ଚଳରେ ଜମିରୁ ଶୀଘ୍ର ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ ରବି ଫସଲ ବୁଣିବାକୁ ଅନୁକୂଳ ପାଗ ରହୁନାହିଁ। ଆଉ କୋଉଠି ଶୀଘ୍ର ଜମି ଶୁଖି ଫାଟିଯାଉଛି। ଫଳରେ ଶତାଧିକ ଏକର ଜମି ପଡ଼ିଆ ରହିବା ସହ ରବି ଫସଲ ପ୍ରଭାବିତ ହେଉଛି। ଅନେକ ଅଞ୍ଚଳରେ ଚକଭୁକ୍ତ ଜମିକୁ ଆଜି ସୁଦ୍ଧା କାଡ଼ାନାଳ ଖୋଲାଯାଇ ନ ଥିବାରୁ ଅଧିକାଂଶ ଗହିର ଜମିକୁ କେନାଲ ପାଣି ଠିକ୍ ଭାବେ ପହଞ୍ଚି ପାରୁନାହିଁ। ଫଳରେ ଖରିଫ ଓ ରବି ଫସଲ ନଷ୍ଟ ହେଉଛି। ଚାଷୀମାନେ ଲାଭ ବଦଳରେ ଅନେକ ସମୟରେ କ୍ଷତି ସହୁଛନ୍ତି। ଉଠା ଜଳସେଚନ ବିଭାଗର ଖାମଖିଆଲ ମନୋଭାବ ଯୋଗୁଁ ଅନେକ ଜମିକୁ ପାଣି ମାଡ଼ିପାରୁନି। ଏହାକୁ ନେଇ ଚାଷୀ ମହଲରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଭୁବନ ବ୍ଲକର ନଦୀନାଳ ଘେରା ପଞ୍ଚାୟତ କହିଲେ କଣପାଳ ସାମିଲ ମହୁଲପାଳ। ଏଠିକାର ମାଟି ଉର୍ବର। ବାରମାସୀ ଫସଲ। ପଣ୍ଡାରା ନାଳ, ରଙ୍ଗ ମାଟିଆ ଓ ବ୍ରାହ୍ମଣୀ କୂଳରେ ବସତି ସ୍ଥାପନ କରିଥିବା ନୀଳକଣ୍ଠପୁର, ବ୍ରହ୍ମପୁର, କଣପାଳ ମହୁଲପାଳ ଗ୍ରାମର ଚାଷୀଙ୍କ ପାଇଁ ବିଭିନ୍ନ ଯୋଜନାରେ ଜଳସେଚନ ବ୍ୟବସ୍ଥା କରାଯାଇଛି। ଉଠାଜଳ ସେଚନ ବିଭାଗ ପକ୍ଷରୁ ୪୫ ଲକ୍ଷ ଟଙ୍କା ବ୍ୟୟରେ ମହୁଲପାଳ ୧ ଓ ୨ ଦୁଇଟି ପାଣି ପଞ୍ଚାୟତ ମାଧ୍ୟମରେ ୨ଟି ପମ୍ପ ଘର ତିଆରି ହୋଇଛି। ମାଟି ତଳେ ପାଇପ ପଡ଼ିଛି। ଏହି କାର୍ଯ୍ୟ ୨୦୨୩ ଅକ୍ଟୋବର ୧ରେ ଆରମ୍ଭ ହୋଇ ୨୦୨୪ ଜାନୁଆରୀରେ ମାତ୍ର ୩ ମାସ ମଧ୍ୟରେ ଶେଷ ହୋଇଛି। ପ୍ରଥମ ଥର ଟେଷ୍ଟିଂ ସମୟରେ ପାଇପ ଫାଟିଯିବାରୁ ମହୁଲପାଳ ୨ ପଏଣ୍ଟଟି ସେହିଦିନଠାରୁ କାମରେ ଲାଗୁନି ବୋଲି କୁହନ୍ତି ପାଣି ପଞ୍ଚାୟତ ସଭାପତି ବିଜୟ କୁମାର ସାମଲ। ମହୁଲପାଳ ୧ ପଏଣ୍ଟ ଅବସ୍ଥା ନ କହିବା ଭଲ। ଏଠାରେ ପମ୍ପ ଘର ଛାତ ଭାଙ୍ଗି ପଡ଼ିଛି। ପମ୍ପ ହଲୁଛି। ନିମ୍ନମାନର ପାଇପ ଫାଟି ରାସ୍ତା ସାରା ପାଣି ବୋହୁଛି। ପୂର୍ତ୍ତ ବିଭାଗ ରାସ୍ତା କଲଭର୍ଟ ତଳେ ପାଇପ ଭାଙ୍ଗିଥିବାରୁ ତାହା ମରାମତି ହୋଇପାରୁନି। ପୂର୍ବ ପଟ ଚାଷ ଜମିକୁ ପାଣି ଆଦୌ ଉଠୁନାହିଁ ବୋଲି କୁହନ୍ତି ସଭାପତି ରବି ନାରାୟଣ ରାଉଳ। ମାଳ ବନ୍ଧ ପର୍ଯ୍ୟନ୍ତ ପାଣି ଭାସିବ ବୋଲି ସରକାର ଆଶା ଦେଖାଇଲେ, ଚାଷୀ ଫସଲ କଲେ, ହେଲେ ଜଳସେଚନ ବିଭାଗ ଧୋକା ଦେଲା। ଅନ୍ୟପଟେ କିରାସିନି ପମ୍ପ ଯୋଗେ ପାଣି ଉଠାଇବା ସମ୍ଭବ ହେଉନି। ଫସଲ କରି କ୍ଷତିରେ ଚାଷୀ। ଏ ନେଇ କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀଙ୍କୁ ଫୋନ କରି କରି ଥକିଗଲୁଣି। ଭୁବନସ୍ଥିତ ଅଫିସରେ ଦୀର୍ଘଦିନ ହେଲା ତାଲା ଝୁଲୁଛି। ପ୍ରତାରଣା ଯୋଗୁ ଚାଷୀ ମେରୁଦଣ୍ଡ ଭାଙ୍ଗିବନି ତ ଆଉ କ'ଣ ବୋଲି ପୂର୍ବତନ ସରପଞ୍ଚ ରଘୁନାଥ ଭଞ୍ଜ କହିଛନ୍ତି। ଏହାର ପୁନରୁଦ୍ଧାର ପାଇଁ ଚାଷୀମାନେ କାମାକ୍ଷନଗର ବିଧାୟକ ଶତ୍ରୁଘ୍ନ ଜେନା ଏବଂ ଢେଙ୍କାନାଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

● ପ୍ରିୟବ୍ରତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମହୁଲଖୋଳିକୁ ହରାଇ ଚନ୍ଦ୍ରଶେଖରପୁର ଚାମ୍ପିଅନ




ଗଁଦିଆ,୧୩।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମହୁଲଖୋଳି ଗ୍ରାମ ରଙ୍ଗମାଟିଆ ଷ୍ଟାଡିଅମରେ ଆୟୋଜିତ ୧୩ତମ ପ୍ରିୟବ୍ରତ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ୧୬ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଚନ୍ଦ୍ରଶେଖରପୁର ଓ ମହୁଲଖୋଳି ମଧ୍ୟରେ ହୋଇଥିଲା। ଚନ୍ଦ୍ରଶେଖରପୁର ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଟସ୍ ଜିତି ଚନ୍ଦ୍ରଶେଖରପୁର ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୧୧୧ ରନ୍ କରିଥିଲା। ଜବାବରେ ମହୁଲଖୋଳି ଦଳ ୯୬ ରନ୍ କରିବାକୁ ସକ୍ଷମ ହୋଇଥିଲା। ମନୋରଞ୍ଜନ ଓ ଦୁଷ୍ମନ୍ତ ଖେଳ ପରିଚାଳନା କରିଥିବା ବେଳେ ସୁବ୍ରତ ସ୍କୋରସିଟ୍ ପରିଚାଳନାରେ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥ ଭାବେ ସମାଜସେବୀ ରାମଚନ୍ଦ୍ର ପାତ୍ର, ସମ୍ମାନିତ ଅଥିତି ଭାବେ ଚନ୍ଦ୍ରଶେଖରଜୀଉ ୟୁଥ କ୍ଲବ ସଭାପତି ପ୍ରହଲ୍ଲାଦ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରିୟବ୍ରତ ଟ୍ରଷ୍ଟ ଉପଦେଷ୍ଟା ତଥା ଗୋପବନ୍ଧୁ ବେହେରା ପ୍ରମୁଖ ଯୋଗଦେଇଥିଲେ। ଗଣେଶ୍ୱର ନାୟକ, ତ୍ରିନାଥ ବେହେରା, ସଞ୍ଜିତ କୁମାର ସାହୁ, ବାଳକୃଷ୍ଣ ବେହେରା, ମାଧବ ମହାଭୋଇ, କପିଳ ଦେହୁରୀ, ଅଚ୍ୟୁତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ ଦଳର ଆଲୋକ ମହାଭୋଇ, ବିକାଶ ସେଠୀ, ରଞ୍ଜିତ ବାରିକଙ୍କ ସମେତ ମହାବୀର କ୍ଲବ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

